## ଖପ୍ରାଖୋଲ ପୋଲିସ ଦ୍ୱାରା ୨ କ୍ୱାକ୍ କୋର୍ଟ ଚାଲାଣ

ଖପ୍ରାଖୋଲ,(ଅଭୟ କୁମାର ତ୍ରିପାଠୀ): ଖପ୍ରାଖୋଲ ଅଞ୍ଚଳରେ ନିଜକୁ ଡାକ୍ତର ପରିଚୟ ଦେଇ କ୍ଲିନିକ କରି ସ୍ୱାସ୍ଥ୍ୟ ସେବା ଚଳାଉଥିବା ପଶ୍ଚିମବଙ୍ଗ ଅଞ୍ଚଳର ଦୁଇ ଜଣ କ୍ୱାକ୍‌ଙ୍କୁ ଖପ୍ରାଖୋଲ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଭାନପୁର ପଞ୍ଚାୟତ ଝାଙ୍କରପାଲି ଗାଁରେ କ୍ଲିନିକ କରିଥିବା ପଶ୍ଚିମବଙ୍ଗ ଅଞ୍ଚଳର ସୁପ୍ରକାସ ରାୟ (୨୪) ଓ ନାନ୍ଦୁପଲା ଗାଁର କ୍ଲିନିକ କରିଥିବା ପଶ୍ଚିମବଙ୍ଗ ଅଞ୍ଚଳର ପବିତ୍ର ବିଶ୍ୱାସ (୨୫) ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ବିଷାକ୍ତ ସାପ କାମୁଡ଼ାରେ ଯୁବକ ମୃତ

ଲୋଇସିଂହା,୨୪।୬(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦୈତାରୀ ବିଶି (୩୦)। ଗୁରୁବାର ରାତିରେ ଖାଇପିଇ ସାରି ଦୈତାରି ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଜାଣିପାରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଲୋଇସିଂହା ଡାକ୍ତରଖାନା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଦୈତାରୀ ନବ ବିବାହିତ। ତାଙ୍କ ବିଧବା ସ୍ତ୍ରୀ ଅଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କୁତୁର୍ଲା ପଞ୍ଚାୟତରେ ହେରା ପଞ୍ଚମୀ ଉତ୍ସବ

ଦେଓଗାଁ,୨୪।୬ (କୃଷ୍ଣପ୍ରସାଦ ପାଣି): ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ପରିସରରେ ମହାପ୍ରଭୂଙ୍କ ହେରା ପଞ୍ଚମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁରସିଂହ ନିକଟସ୍ଥ ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡସ୍ଥିତ ମନ୍ଦିରରେ ଜଗନ୍ନାଥ ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଞ୍ଚ ଦିନରେ ପହଞ୍ଚିଛି। ଶନିବାର ରୀତିନୀତି ଅନୁସାରେ ମହାପ୍ରଭୂ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ହେରା ପଞ୍ଚମୀ ଦିନ କୁତୁର୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ରଥାରୁଢ ମହାପ୍ରଭୂ ଜଗନ୍ନାଥଙ୍କ ଉତ୍ସବ ସହ ସ୍ଥାନୀୟ ସରପଞ୍ଚ ତେଜ ହରପାଲଙ୍କ ନେତୃତ୍ୱରେ ସମସ୍ତ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ମହାନ୍ତି, ପୂର୍ବତନ ବିଡିସିସି ସଭାପତି ଲକ୍ଷ୍ମଣ କୁମାର ମେହେର, ସମାଜସେବୀ ଡମ୍ବରୁଧର ହରପାଲ, ୱାର୍ଡ ମେମ୍ବର କିର୍ତ୍ତିରାଜ ବାଗ, କବିତା ପୋଢ, ରିତୁ ବୁଡେକ, ଟୁନା ବାରିକ, ପିଙ୍କୁ ଷାଣ୍ଡ, ସଞ୍ଜିବ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଦିନ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଶ୍ରୀଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ କୁତୁର୍ଲା ଗ୍ରାମବାସୀ ସହଯୋଗ କରିଥିଲେ।

# ବନ୍ଧ ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ

ବଲାଙ୍ଗୀର, ୨୪।୬
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବେହେରାପାଲି ବନ୍ଧ ପୁନରୁଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଇ ଜଳ ସତ୍ୟାଗ୍ରହ କରାଯାଇଥିଲା। ବନ୍ଧ ପାଣି ଭିତରକୁ ଯାଇ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ। ବେହେରାପାଲି ବନ୍ଧ ଅଳିଆଗଦା ପାଲଟିଛି। ବନ୍ଧର ପଙ୍କ ଉଦ୍ଧାର କରାଯାଇନାହିଁ। ନାଳ ନର୍ଦ୍ଦମା ପାଣି ବନ୍ଧ ଭିତରକୁ ଯାଉଛି। ଫଳରେ ଲୋକେ ଏହି ବନ୍ଧପାଣି ବ୍ୟବହାର କରିପାରୁନାହାନ୍ତି। ଲୋକେ ବିଭିନ୍ନ ଚର୍ମରୋଗରେ ପୀଡିତ ହେଉଛନ୍ତି। ଅଞ୍ଚଳବାସୀଙ୍କ ନ୍ୟାୟୋଚିତ ଦାବିକୁ ବାରମ୍ବାର ଅଣଦେଖା କରାଯାଉଛି। ଜଳ ସତ୍ୟାଗ୍ରହରେ ଆନ୍ଦୋଳନରତ ବ୍ୟକ୍ତିମାନେ ଉତ୍କ୍ଷିପ୍ତ ହୋଇ ଯଦି ବେହେରାପାଲି ବନ୍ଧ ପାଣି କିଭଳି ଅଛି ଜାଣିବାକୁ ଚାହୁଁଛନ୍ତି ତେବେ ପୌରାଧ୍ୟକ୍ଷା ଓ ଜିଲାପାଳ ଏହି ବନ୍ଧକୁ ଆସି ଗାଧୋଇ କରି ଯାଆନ୍ତୁ ବୋଲି କହିଥିଲେ। ଏହି ବନ୍ଧ ପାଣି ଉପରେ ପଛୁଆ ଓ ଗରିବ ଶ୍ରେଣୀର ଲୋକେ ନିର୍ଭର କରୁଛନ୍ତି। ଏଣୁ ଏହାକୁ ସଫା କରାଯାଉ ନାହିଁ ବୋଲି ଅଭିଯୋଗ କରାଯାଇଥିଲା। ବଲାଙ୍ଗୀର ମ୍ୟୁନିସିପାଲିଟିର ୱାର୍ଡ ନମ୍ବର ୯ ଅନ୍ତର୍ଗତ ବେହେରାପାଲି ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ କିଛିଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅଞ୍ଚଳବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଓ ପୌରାଧ୍ୟକ୍ଷାଙ୍କୁ ଏନେଇ ଲିଖିତ ଭାବେ ଜଣାଇଥିଲେ। ଲୋକଙ୍କ ଅସୁବିଧାକୁ ନଜରରେ ରଖି ଗାଧୋଇବା ତୁଠର ସଫେଇ ପାଇଁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଧାୟକ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଥିଲେ। ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ସହରରେ ବନ୍ଧକଟାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦେଇଛନ୍ତି।



ବଲାଙ୍ଗୀର ବେହେରାପାଲି ବନ୍ଧରେ ଆନ୍ଦୋଳନକାରୀମାନେ ଜଳ ସତ୍ୟାଗ୍ରହ କରି ପ୍ରତିବାଦ ଜଣାଉଛନ୍ତି।

### ପୌରାଧ୍ୟକ୍ଷା, ଜିଲାପାଳଙ୍କୁ ବନ୍ଧରେ ଗାଧୋଇବା ପାଇଁ କହିଲେ

କିନ୍ତୁ ଅଞ୍ଚଳବାସୀଙ୍କ ଦାବିକୁ ଦୁଇମାସ ବିତି ଯାଇଥିଲେ ସୁଦ୍ଧା ବନ୍ଧର ପଙ୍କୋଦ୍ଧାର, ସଫେଇ ଓ ପୁନରୁଦ୍ଧାର ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଜଳସତ୍ୟାଗ୍ରହ କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୯ର କ୍ରିୟାନୁଷ୍ଠାନ କମିଟି ସଭାପତି ସମୀର କୁମ୍ଭାର, ରାଜେନ୍ଦ୍ର ସାଏ, ଜିତେନ୍ଦ୍ର ପଟେଲ, ଖଗେଶ୍ୱର ବିଶ୍ୱାଳ, ସଚ୍ଚିଦାନନ୍ଦ ମହାନନ୍ଦ, ପ୍ରଶାନ୍ତ ରାଏ, ରଘୁନାଥ ମୁଗ୍ରୀ, ରବୀ ଖମାରି, ସନ୍ତୋଷିନୀ କୁମ୍ଭାର, ଅନୀତା ରାଏ, ଯାଜ୍ଞ ଭୋଇ, ଶିବାନୀ ପଟେଲ, ସସ୍ମିତା ସାଏ, ରୁପକାନ୍ତି ବିଶ୍ୱାଳ, ଲାଏବଣି ଭାଟି, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ଅଙ୍କିତ ସାହୁ, ନାସିର ଖାନ, ଅନ୍ତ ମଛଖଣ୍ଡ, ବ୍ରଜ ସେଠୀ ଓ ଅଜିତ ମହାନନ୍ଦ ଉପସ୍ଥିତ ଥିଲେ।

# ଭାରତୀୟ କ୍ରିକେଟ ଦଳରେ ପଙ୍କଜ



ବିଧାୟକ, ଜିଲାପାଳଙ୍କ ଗହଣରେ ପଙ୍କଜ ଭୁଏ।

ବରଗଡ଼,୨୪।୬
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବରପାଲି ବ୍ଲକ ଫୁଲାପାଲି ଗ୍ରାମର ପଙ୍କଜ ଭୁଏ ଲଣ୍ଡନରେ ଆସନ୍ତା ଅଗଷ୍ଟ ମାସରେ ହେବାକୁ ଥିବା ୱାର୍ଲ୍ଡ ଗେମ୍ସ ପାଇଁ ଭାରତୀୟ କ୍ରିକେଟ ଦଳ ପାଇଁ ମନୋନିତ ହୋଇଛନ୍ତି । ଗ୍ରାମର ମେନ ଏବଂ ଶିବଲାଲଙ୍କ ପୁଅ ପଙ୍କଜଙ୍କ ଏଭଳି କୃତିତ୍ୱ ସମ୍ପର୍କରେ ଜାଣିବା ପରେ ବରଗଡ଼ ଜିଲାରେ ଆନନ୍ଦ ପ୍ରକାଶ ପାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପଙ୍କଜଙ୍କ ପାଖକୁ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ତାଙ୍କୁ ସାଥିରେ ନେଇ ବିଧାୟକ ଆଚାର୍ଯ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୃତିବାସ ରାଉତ ପ୍ରମୁଖ ପଙ୍କଜଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆସନ୍ତା ୨୬, ୨୭ତାରିଖ ବରଗଡ଼କୁ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଗସ୍ତ ଥିବାବେଳେ ସେହି କାର୍ଯ୍ୟକ୍ରମରେ

### ଦୃଷ୍ଟିବାଧିତ ୱାର୍ଲ୍ଡ ଗେମ୍ସ

ପଙ୍କଜଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି । ପଙ୍କଜ ଏହାପୂର୍ବରୁ ୨୦୧୮ରେ ଦୁବାଇରେ ହୋଇଥିବା ଦୃଷ୍ଟିବାଧିତ ୱାର୍ଲ୍ଡକପ୍ କ୍ରିକେଟ ଏବଂ ୨୦୧୨ରେ ଭାରତରେ ହୋଇଥିବା ଦୃଷ୍ଟିବାଧିତ ୱାର୍ଲ୍ଡକପ୍ କ୍ରିକେଟ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ଉଭୟ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପ୍ରତିପକ୍ଷ ଭାବେ ପାକିସ୍ଥାନ ଦଳକୁ ଭେଟିଥିଲେ ଏବଂ ଭାରତ ଚାମ୍ପିୟନ ହୋଇଥିବାବେଳେ ଏଥିରେ ପଙ୍କଜଙ୍କ ଅବଦାନ ଯଥେଷ୍ଟ ରହିଥିଲା। ଏହାପରେ ସେ ପାରା ଆଥ୍‌ଲେଟିକ୍‌ରେ ମଧ୍ୟ ଭାଗ ନେଇ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଥିଲେ। ଦୀର୍ଘଦିନ ବ୍ୟବଧାନ ପରେ ସେ ପୁଣି ଭାରତୀୟ କ୍ରିକେଟ ଦଳକୁ ଫେରିଥିବାର ସୁଯୋଗ ପାଇଥିବା ଯୋଗୁ ସମସ୍ତଙ୍କ ଆଶୀର୍ବାଦରେ ନିଶ୍ଚୟ ଉଚ୍ଚମାନର ଖେଳ ପ୍ରଦର୍ଶନ କରିବେ ବୋଲି ପଙ୍କଜ କହିଛନ୍ତି ।


ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ମାଉସୀ ମା'ମନ୍ଦିରଠାରେ ଶ୍ରୀଜୀଉଙ୍କ ବାମନ ଅବତାର।

## ହରିଶଙ୍କର ବୈଶାଖୀ ମେଳାରେ ହୋଇଥିବା ଆୟବ୍ୟୟ ସମ୍ପର୍କିତ ସମୀକ୍ଷା ବୈଠକ

ଖପ୍ରାଖୋଲ,୨୪।୬(ଅଭୟ କୁମାର ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବିନ୍ଧ୍ୟାବାସିନୀ ମନ୍ଦିର ପରିସରରେ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବିଜୟା ନନ୍ଦ ସେଠୀଙ୍କ ଅଧକ୍ଷତାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଆୟବ୍ୟୟ ସମ୍ପର୍କିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ମେଳାରେ ହୋଇଥିବା ବିଭିନ୍ନ ଖର୍ଚ୍ଚ ସମ୍ପର୍କରେ ବିବରଣୀ ପଠନ କରାଯାଇଥିଲା। ଏହି ଅବସରରେ ଗତ ମେଳାରେ ହୋମଯଜ୍ଞ, ମନ୍ଦିର ପୂଜା ସାମଗ୍ରୀ, ଟେଣ୍ଟ, ଆଲୋକ ସାଜସଜ୍ଜା, ସାଉଣ୍ଡ , ପରିଚୟପତ୍ର, ସ୍ମାରକୀ , ଫୁଲ, ବିଦ୍ୟୁତ୍ ବିଭାଗ ଖର୍ଚ୍ଚ, ପ୍ରଚାରପ୍ରସାର ଏବଂ ବୈଷୟିକ ସମ୍ପର୍କିତ ଖର୍ଚ୍ଚ, ବିବିଧ ଖର୍ଚ୍ଚ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟପେୟ ବାବଦକୁ ମୋଟ ୧୬ ଲକ୍ଷ ୧୪ ହଜାର ୫୯୯ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବିଭିନ୍ନ ସୂତ୍ରରୁ ୩ ଲକ୍ଷ ୪୪ ହଜାର ୨୦ ଟଙ୍କା ପାଣ୍ଠି ସଂଗ୍ରହ ହୋଇଥିବା ଜଣାଇଥିଲେ । ପାଣ୍ଠି ସଂଗ୍ରହକୁ ବାଦ ଦେଲେ ଚଳିତ ବର୍ଷ ୫ ଦିନ ମେଳା ସମ୍ପ୍ରସାରିତ ହୋଇ ମୋଟ ୧୨ ଲକ୍ଷ ୭୦ ହଜାର ୫୭୯ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଇଥିଲେ । ଯାହାକି ଗତବର୍ଷ ମେଳାରେ ତିନି ଦିନ ପାଇଁ ୧୦ ଲକ୍ଷ ୩୨ ହଜାର ୪୯୦ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଯାଇଛି। ଏହି ଅବସରରେ ପାଟଣାଗଡ ତହସିଲଦାର ଲକ୍ଷ୍ମଣ ମାଝୀ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ଦେବୋତ୍ତର କମିଟି ସଦସ୍ୟ ଇନ୍ଦୁଭୂଷଣ ଠାକୁର, ରୋହିତ ମେହେର, ଅଭୟ ତ୍ରିପାଠୀ, ବିପ୍ର ବିଶି, ପଞ୍ଚୁଦେବ ସାହୁ, ସବକମିଟି ସଦସ୍ୟ ମଧୁସୂଦନ ମାଝି, ପ୍ରହ୍ଲାଦ ଚାନ୍ଦ, ପଞ୍ଚମ ପ୍ରଧାନ, ଶତ୍ରୁଘ୍ନ ନାଏକ, ବିଝାଲ ସମାଜ ସଭାପତି ଚନ୍ଦ୍ର ଶେଖର ବରିହା, ମିନିକେତନ ବରିହା, ତାପସ ବେହେରା, ଉମାକାନ୍ତ ପ୍ରଧାନ, ଜ୍ୟୋତି ରଞ୍ଜନ ପଣ୍ଡା ସହ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟର ନୂତନ ଭିତ୍ତିଭୂମି ପାଇଁ ଶିଳାନ୍ୟାସ

କୋକସରା,୨୪।୬
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଅଧୀନରେ କଳାହାଣ୍ଡି ଜିଲାର ପ୍ରତ୍ୟେକ ଡିଗ୍ରୀ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୨୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ଏହି କ୍ରମରେ ଶନିବାର କୋକସରା ଡିଗ୍ରୀ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବିଧାୟକ ବାଗ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଡିଗ୍ରୀ ମହାବିଦ୍ୟାଳୟର ଉନ୍ନତି ହେଲେ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କହିଛନ୍ତି। ଏହି ସମୟରେ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ସୁବ୍ରତ କୁମାର ବେହେରା, ଆଇରୀ ନାସନ ଚିନ୍ଦା, ଅଶ୍ୱିନୀ ପଟ୍ଟନାୟକ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ଧ. ମାଝୀ, ସୁନିଲ କୁମାର ପ୍ରଧାନୀ ଉପସ୍ଥିତ ଥିଲେ।

# ଶ୍ରେଣୀଗୃହ ଅଭାବ: ପ୍ରଥମ ବର୍ଷାରେ ବେହାଲ ଛାତ୍ରୀଛାତ୍ର

ଲାଠୋର, ୨୪।୬
(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶ୍ରେଣୀ କୋଠରୀ ଅଭାବ ହେତୁ ଚଳିତବର୍ଷ ପ୍ରଥମ ବର୍ଷାରେ ବେହାଲ ହୋଇପଡିଛନ୍ତି । ଆଗକୁ ବର୍ଷା ବଢ଼ିଲେ ପରିସ୍ଥିତି କ'ଣ ହେବ ସେ ନେଇ ଅଭିଭାବକ ମହଲରେ ଚିନ୍ତାର ବିଷୟ ହୋଇଛି। ଦୀର୍ଘ ବର୍ଷରୁ ଶ୍ରେଣୀ ଗୃହ ଏବଂ ଡାଇନିଂ ହଲ ଯୋଗେଇ ଦେବାକୁ ଦାବିହୋଇ ଆସୁଥିଲେ ମଧ ଦାବିକୁ ଗୁରୁତ୍ୱ ଦେଇ ଏଦିଗରେ କେହି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଭାବକ ମହଲରୁ ଅଭିଯୋଗ ହେଉଛି। ଗତ ୧୯୧୪ ମସିହାରେ ସ୍ଥାପିତ ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୭ଟି ଶ୍ରେଣୀ ଗୃହ ରହିଛି। ହେଲେ କୌଣସି ଗୋଟେ ମଧ ଗୃହ ଉପଯୋଗୀ ନୁହେଁ। ପ୍ରତ୍ୟେକ ଗୃହର ଛାତରୁ ପାଣି ଝରୁଛି। ପିଲାମାନେ ବସି ପାଠ ପଢିବାରେ ନାନା ସମସ୍ୟା ଦେଖାଦେଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ଉପାୟ ନ ପାଇ ବାଧ ହୋଇ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ବ୍ୟବହାର ଉପଯୋଗୀ ନ ଥିବା ଗୋଟିଏ କୋଠରୀରେ ବସାଇ ପାଠ ପଢ଼ାଉଥିବାବେଳେ ତୃତୀୟ,ଚତୁର୍ଥ ଶ୍ରେଣୀ ପିଲା ଗୋଟେ କୋଠରୀ, ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପିଲାଙ୍କୁ ଗୋଟିଏ କୋଠରୀରେ ବସାଉଛନ୍ତି। ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଗୋଟିଏ ଲେଖାଏଁ ଗୃହରେ ବସାଇ ଅବ୍ୟବସ୍ଥା ମଧରେ ପାଠ ପଢାଉଛନ୍ତି। ସେହିପରି ବିଦ୍ୟାଳୟରେ ଡାଇନିଂ ହଲର ବ୍ୟବସ୍ଥା ନାହିଁ। ମଧାହ୍ନ ଭୋଜନ କଲାବେଳେ କିଏ ବାରଣ୍ଡାରେ ଏବଂ ଶ୍ରେଣୀ ଗୃହରେ ମଧାହ୍ନଭୋଜନ କରୁଛନ୍ତି ତ ଆଉ କିଏ ଖୋଲା ଆକାଶ ତଳେ ମଧାହ୍ନ ଭୋଜନ କରୁଛନ୍ତି। ଏହିପରି ସ୍ଥିତିରେ ରହିଥିବା ବିଦ୍ୟାଳୟ ଆଗାମୀ ବର୍ଷା ଦିନରେ ପରିସ୍ଥିତି ସଙ୍ଗୀନ ହୋଇପଡ଼ିବ। ଏହାକୁ ନେଇ ଧରିତ୍ରୀରେ ଗତ ୧ ଜୁନ ୨୦୨୩ରେ ଛାତ୍ରୀଛାତ୍ରଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ସେହିଦିନ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ହୋତା, ଲାଠୋର ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଭଇଁଷଲ, ଜୋନ ୩ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ସନ୍ତୋଷ ମେହେର ବିଦ୍ୟାଳୟକୁ ପରିଦର୍ଶନରେ ଆସି ସମସ୍ୟାକୁ ଅନୁଧ୍ୟାନ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜୟଦେବ ଶାଣ୍ଢ, ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ନାଏକ, ସହକାରୀ ଶିକ୍ଷକ ମହାଦେବ ନାଗ ଏବଂ କିଛି ଭଦ୍ର ବ୍ୟକ୍ତିଙ୍କ ମଧରେ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଆଲୋଚନା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଇ ଗୋଟି ଅତିରିକ୍ତ ଶ୍ରେଣୀ ଗୃହ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ସରପଞ୍ଚ ଏବଂ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧିମାନେ ଶ୍ରେଣୀ ଗୃହ ମରାମତି ପାଇଁ ଏକ ଲକ୍ଷ ଲେଖାଏଁ ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଏକ ମାସ ହେବାକୁ ବସିଲାଣି କେହି କିଛି କହି ନାହାନ୍ତି କି ଅନୁଦାନ ଅର୍ଥ ମଧ ପ୍ରଦାନ କରି ନାହାନ୍ତି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏବେ ବର୍ଷା ଦିନ ଆସି ଯାଇଛି, ପିଲାଙ୍କୁ ନେଇ କେମିତି ପାଠ ପଢା ହେବ ତାହା ବୁଝାପଡୁନି। ଏଠାରେ ପିଲାମାନେ କେତେ କଷ୍ଟରେ ପାଠ ପଢୁଛନ୍ତି ଥରେ ବଲାଙ୍ଗୀର ଜିଲାପାଳ ବିଦ୍ୟାଳୟକୁ ପରିଦର୍ଶନରେ ଆସି ଦେଖି ଯାଆନ୍ତୁ ବୋଲି ଅଭିଭାବକଙ୍କ ତରଫରୁ ଧନେଶ୍ୱର ମେହେର ଅନୁରୋଧ କରିଥିବାବେଳେ ଅଭିଭାବକ ଦିଲ୍ଲୀପ ନାଏକ ପିଲାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଶ୍ରେଣୀ ଗୃହର ମରାମତି ପାଇଁ ଅନୁଦାନ ଯୋଗେଇ ଦେବାକୁ ଦାବି କରିଛନ୍ତି। ସେହିପରି ସଭାପତି ଜୟଦେବ ଶାଣ୍ଢ ପିଲାମାନେ ହଇରାଣ ହେବା ଆଗରୁ ସମସ୍ୟାର ସମାଧାନ କରାଯାଉ ଅନ୍ୟଥା ବର୍ଷାରେ ଭିଜି ପିଲାଙ୍କୁ ନେଇ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି। ତେବେ ପ୍ରଶାସନ ସମସ୍ୟାକୁ ଗୁରୁତର ସହ ନେଇ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସୋସିଆଲ ମିଡିଆରେ ଖବର ପ୍ରଚାର ପରେ ନିଖୋଜ ଥିବା ବୃଦ୍ଧାଙ୍କ ପରିଚୟ ମିଳିଲା

ଲାଞ୍ଜିଗଡ଼,୨୪।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବନ୍ଧପାରି ଗ୍ରାମର ଚମାରେନ ହରପାଲ(୮୦) ନିଖୋଜ ରହିଥିବା ବେଳେ ସେ ଧର୍ମଗଡ଼ରେ ଥିବା ଜଣାପଡ଼ିଛି। ସେ ନିଜ ଗାଁ ବନ୍ଧପାରି ଠାରୁ ଦୁଇ ପୁଅ ସହିତ ଭବାନୀପାଟଣା କୋର୍ଟ କାମରେ ଯାଇଥିବା ବେଳେ ବାଟବଣା ହୋଇ ଧର୍ମଗଡ଼ ଚାଲିଯାଇଥିଲେ। ଶନିବାର ଅପରାହ୍ନ ୨ଟାରେ ଧର୍ମଗଡ଼ର ଏକ ଛକରେ ବସିଥିବାବେଳେ ସ୍ଥାନୀୟ ଲୋକମାନେ ବୃଦ୍ଧାଙ୍କୁ ପଚାରିବାରୁ ସେ ନିଜ ଘର ଲାଞ୍ଜିଗଡ଼ ବୋଲି ପରିଚୟ ଦେଇଥିଲା। ଏହାପରେ ଲୋକେ ପୋଲିସଙ୍କୁ ଖବର ଦେଇଥିଲେ। ବର୍ତ୍ତମାନ ପୋଲିସ ବୃଦ୍ଧାଙ୍କୁ ଉଦ୍ଧାର କରି ଜରାଶ୍ରମରେ ରଖିଥିବା ସୂଚନା ମିଳିଛି। ଜଣେ ସାମ୍ବାଦିକ ନିଜ ମୋବାଇଲ ନମ୍ବର ଦେଇ ବୃଦ୍ଧାଙ୍କ ଫଟୋ ସହିତ ସୋସିଆଲ ମିଡ଼ିଆର ପୋଷ୍ଟ କରିବା ପରେ ଏହି ଖବର ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଏହାକୁ ନେଇ ଲାଞ୍ଜିଗଡ଼ ଅଞ୍ଚଳରେ ତଦନ୍ତ କରିବା ପରେ ବୃଦ୍ଧା ଜଣଙ୍କ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ଗ୍ରାମର ବୋଲି ଜଣାପଡିଥିଲା। ରବିବାର ସକାଳେ ପୁଅ ନିରଞ୍ଜନ ହରପାଲ ଧର୍ମଗଡ଼ ଯାଇ ନିଜ ମା'ଙ୍କୁ ଆଣିବେ ବୋଲି ସୂଚନା ମିଳିଛି।

# ପୋଲିସ ତଦନ୍ତବେଳେ ଉଭୟ ପକ୍ଷ ମୁହାଁମୁହିଁ

ଲୋଇସିଂହା, ୨୪।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଅନ୍ତର୍ଗତ ବିରକେଲ ଗ୍ରାମର ମହାଲିଙ୍ଗ ଜଳାଶୟ ମାଟି ପୁନରୁଦ୍ଧାର ଓ ଜବରଦଖଲକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ଲେକ୍ସୁ ପଟେଲଙ୍କ ପରିବାର ଏବଂ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ମାମଲା ଥାନାକୁ ଯାଇଛି। ଶନିବାର ପୋଲିସ ଘଟଣାର ତଦନ୍ତ ପାଇଁ ଗାଁକୁ ଯାଇଥିବାବେଳେ ପୁଣି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ, ସ୍ଥାନୀୟ ବିଧାୟକଙ୍କ ଅନୁମୋଦନ କ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତବର୍ଷ ଗ୍ରାମର ମହାଲିଙ୍ଗ ଜଳାଶୟର ମାଟି ପୁନରୁଦ୍ଧାର କାମ ହାତକୁ ନିଆଯାଇଛି। ଜୁନ ୧୫ ପରେ ମାଟି ପୁନରୁଦ୍ଧାର କାମ ବାରଣ ସତ୍ତ୍ୱେ ଜେସିବି ମେଶିନରେ କାମ ଆରମ୍ଭ କରାଯାଇଥିଲା। ଗତ ମଙ୍ଗଳବାର ବିନା ସୂଚନା ଫଳକରେ ଏବଂ ଉପଯୁକ୍ତ କାମ ହେଉ ନ ଥିବାରୁ ଗ୍ରାମବାସୀ ଆପତ୍ତି ଉଠାଇଥିଲେ। ଏହାବାଦ ମୁଷ୍ଟିମେୟଙ୍କ ଦ୍ୱାରା ଜବରଦଖଲ ଯୋଗୁ ଜଳାଶୟ ସଙ୍କୁଚିତ ହୋଇ ପଡିଥିବା ଅଭିଯୋଗ କରିଥିଲେ।


ପୋଲିସ ଭ୍ୟାନ ଆଗରେ ବସି ପ୍ରତିବାଦ କରୁଛନ୍ତି ମହିଳା।

### ବିରକେଲ ମହାଲିଙ୍ଗ ଜଳାଶୟ ବିବାଦ ଘଟଣା

ଜବରଦଖଲ ମୁକ୍ତ ପରେ କାମ କରିବାକୁ ଦାବି କରିଥିଲେ ଗ୍ରାମବାସୀ। ଏହାକୁ ନେଇ ସେହିଦିନ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଠିକାଦାର ଗୋଷ୍ଠୀ ତରଫରୁ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ବଲାଙ୍ଗୀର ସଦର ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଥାନାରେ ଉଭୟ ପକ୍ଷକୁ ନେଇ ଆଲୋଚନା କରାଯାଇଥିଲା। ହେଲେ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା । ଗାଁରେ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ଶନିବାର ତଦନ୍ତ ପାଇଁ ଗାଁରେ ପୋଲିସ ପହଞ୍ଚିଥିଲା। ଜଳାଶୟ ହିତରେ ଉଭୟ ପକ୍ଷକୁ ନେଇ ଆପୋଷ ବୁଝାମଣା ପାଇଁ ଉଦ୍ୟମ ଚଳାଇଥିଲା ପୋଲିସ। ଗ୍ରାମବାସୀଙ୍କ ତରଫରୁ ଜଳାଶୟ ଜବରଦଖଲ ହଟାଇବାକୁ କୁହାଯାଇଥିଲା । ଏତିକିବେଳେ ପ୍ରତିପକ୍ଷର ଜଣେ ବ୍ୟକ୍ତି ସେଠାରେ ଉପସ୍ଥିତ ଗ୍ରାମର ମହିଳାଙ୍କ ଉଦ୍ଦେଶ୍ୟରେ ଖରାବ ଇଙ୍ଗିତ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉପସ୍ଥିତିରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଗ୍ରାମର ମହିଳାମାନେ ପୋଲିସ ଭ୍ୟାନ ଆଗରେ ବସି ପ୍ରତିବାଦ କରିଥିଲେ। ପରେ ଉଭୟ ଗୋଷ୍ଠୀକୁ ପୋଲିସ ବୁଝାସୁଝା କରିବାରେ ସକ୍ଷମ ହୋଇଥିଲା। ରବିବାର ଉଭୟ ପକ୍ଷକୁ ପୁଣି ଥାନାକୁ ଡାକିଥିବା ଗ୍ରାମାବସୀଙ୍କ ସୂତ୍ରରୁ ଜଣାଯାଇଛି।

**Institute of Hotel Management Catering Technology & Applied Nutrition**
**Bhubaneswar-751010**
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**"Few seats are lying vacant"**

**Institute of Hotel Management Catering Technology and Applied Nutrition, Bhubaneswar** Invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
| --- | --- | --- |
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before **30.06.2023** and attend the Spot admission counseling for left over seats for the above programmes on **03.07.2023 from 11.00am onwards.**
Eligibility conditions, course fee and other details are available in the Website of the Institute i.e. **www.ihmbbs.org .**
**For more Details Contact on:**
**Mob.: 9438810851 & 9937453823**

## ସଂକ୍ଷେପରେ

### ଦୁର୍ଘଟଣାରେ ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ମୃତ୍ୟୁ

**ସମ୍ବଲପୁର,୨୪।୬(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ସଦର ଥାନା ମିର୍ଗାମୁଣ୍ଡା-ରାଣନପୁର ରାସ୍ତାରେ ବାଇକ୍ ଦୁର୍ଘଟଣାରେ ରାଣନପୁର ଗ୍ରାମର ଅବସରପ୍ରାପ୍ତ ବନ କର୍ମଚାରୀ ସତ୍ୟନାରାୟଣ ପାଣ୍ଡେ (୬୫)ଙ୍କ ମୃତ୍ୟୁ ଘଟିଛି। ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଜବତ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାନେଶ୍ୱର ଛକରୁ ଶୁକ୍ରବାର ରାତିରେ ସତ୍ୟନାରାୟଣ ଘରକୁ ବାଇକ୍‌ରେ ଫେରୁଥିଲେ। ମିର୍ଗାମୁଣ୍ଡା ନିକଟରେ ଏକ ଟ୍ରକ୍ ଛିଡ଼ା ହୋଇଥିବାବେଳେ ଏହାର ଇଣ୍ଡିକେଟର, ଲାଇଟ୍ ଜଳୁ ନ ଥିଲା। ଟ୍ରକ୍ ପଛପଟେ ବାଇକ୍ ଧକ୍କା ଦେବାରୁ ସତ୍ୟନାରାୟଣ ତଳେପଡି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସଦର ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍ସାର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଉଦ୍ଧାର ଶିଶୁପୁତ୍ର ସୁସ୍ଥ ପରେ ଛଣ୍ଟାନପାଲିରେ ଥଇଥାନ ହେବ

**କୁଚିଣ୍ଡା,୨୪।୬(ବିରଞ୍ଚି ଦର୍ଶା):** ଅର୍ଡାବାହାଲ ପଞ୍ଚାୟତର ବାଦିମାଲ ବ୍ରିଜ ତଳୁ ଶୁକ୍ରବାର ଉଦ୍ଧାର ହୋଇଥିବା ନବଜାତ ଶିଶୁପୁତ୍ରକୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶିଶୁର ଓଜନ କମ୍ ଥିବା ହେତୁ ଅଧିକ ଚିକିତ୍ସା ପାଇଁ ଶନିବାର ଡାକ୍ତର ତାଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଛନ୍ତି। କୁଚିଣ୍ଡା ଚାଇଲ୍ଡଲାଇନ ସମ୍ବଲପୁର ଶିଶୁ କଲ୍ୟାଣ ସମିତିଠାରେ ଉପସ୍ଥାପନ କରିବା ପରେ ଶିଶୁଟିର ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଛଣ୍ଟାନପାଲିସ୍ଥିତ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଥଇଥାନ କରାଯିବ ବୋଲି ସୂଚନା ମିଳିଛି।

### ମହାବିଦ୍ୟାଳୟ ଲାଇବ୍ରେରୀ ହଲ୍ ଉଦ୍‌ଘାଟିତ

**ବ୍ରଜରାଜନଗର,୨୪।୬(ବିଜୟ ବରାଡ):** ବ୍ରଜରାଜନଗର ମହାବିଦ୍ୟାଳୟର ଲାବରେଟୋରୀ ଓ ଲାଇବ୍ରେରୀ ହଲ ଶନିବାର ଉଦ୍‌ଘାଟିତ ହୋଇଛି। ସମାରୋହରେ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ବିଧାୟିକା ଅଳକା ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ବିଶ୍ୱଜିତ ଖମାରି ସଭାପତିତ୍ୱ କରିଥିଲେ। କଲେଜକୁ ଆବଶ୍ୟକ କ୍ଷେତ୍ରରେ ସହାୟତା କରିବେ ବୋଲି ଦୁଇ ଅତିଥି ମତପ୍ରକାଶ କରିଥିଲେ। ରତ୍ନପୂର୍ଣ୍ଣା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପତ୍ରିକା ଅନ୍ୱେଷା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅଧାପକ ଆଶିଷ ଅଗସ୍ତି, ଶ୍ରୀକର ଭୋଇ, ବିକ୍ରମ ପ୍ରଧାନ, ସୁପ୍ରକାଶ ଚୌଧୁରୀ ପ୍ରମୁଖ ସହାୟତା କରିଥିଲେ।

### କୁତୁର୍ଲା ପଞ୍ଚାୟତରେ ହେରା ପଞ୍ଚମୀ ଉତ୍ସବ

**ଦେଓଗାଁ,୨୪।୬ (କୃଷ୍ଣପ୍ରସାଦ ପାଣି):** ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ପରିସରରେ ମହାପ୍ରଭୁଙ୍କ ହେରା ପଞ୍ଚମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁରସିଂହ ନିକଟସ୍ଥ ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡସ୍ଥିତ ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଞ୍ଚ ଦିନରେ ପହଞ୍ଚିଛି। ଶନିବାର ରାତିନୀତି ଅନୁସାରେ ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ହେରା ପଞ୍ଚମୀ ଦିନ କୁତୁର୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ରଥାରୁଢ ମହାପ୍ରଭୁ ଜଗନ୍ନାଥଙ୍କ ଉତ୍ସବ ସହ ସ୍ଥାନୀୟ ସରପଞ୍ଚ ତେଜ ହରପାଲଙ୍କ ନେତୃତ୍ୱରେ ସମସ୍ତ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ମହାନ୍ତି, ପୂର୍ବତନ ବିଡିସିସି ସଭାପତି ଲକ୍ଷ୍ମଣ କୁମାର ମେହେର, ସମାଜସେବୀ ତମ୍ବଧର ହରପାଲ, ୱାର୍ଡ ମେମ୍ବର କିର୍ତ୍ତିରାଜ ବାଗ, କବିତା ପୋଢ଼, ରିତୁ ବୁଡେକ, ଟୁନା ବାରିକ, ପିଙ୍କୁ ଷାଣ୍ଡ, ସଞ୍ଜିବ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଦିନ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଶ୍ରୀଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ କୁତୁର୍ଲା ଗ୍ରାମବାସୀ ସହଯୋଗ କରିଥିଲେ।

# ଉତ୍ତେଜନା, ଥାନାରେ ୪ଘଣ୍ଟା ଗାଡ଼ି ଅଟକ

**ସମ୍ବଲପୁର,୨୪।୬(ଶୁଭାଶିଷ ପାଢ଼ୀ)**

ଝୁଝୁମୁରା ତହସିଲ ନୀଳଡୁଙ୍ଗୁରୀଠାରେ ପାଉଁଶ ଡମ୍ପିଂକୁ ନେଇ ଚାଲିଥିବା ବିବାଦ ଥମିବାର ନାଁ ନେଉନାହିଁ। ଶନିବାର ଏଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଣେ ଟ୍ରାନ୍ସପୋର୍ଟର ହାଇୱାରେ ପାଉଁଶ ପକାଉଥିବା ସମୟରେ ସ୍ଥାନୀୟ ମହିଳାମାନେ ଆସି ଗାଡି ଅଟକାଇବା ସହ ସଦର ପୋଲିସକୁ ଖବର ଦେଇଥିଲେ। ଟ୍ରାନ୍ସପୋର୍ଟର ପହଞ୍ଚିବାରୁ ଗ୍ରାମବାସୀଙ୍କ ସହ କଥା କଟାକଟି ହୋଇଥିଲା। ଶେଷରେ ପୋଲିସ ୪ ଗାଡିକୁ ଥାନାକୁ ନେଇ ଆସିଥିଲା। ଥାନାରେ ୪ ଘଣ୍ଟା ଧରି ପୋଲିସ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଟ୍ରାନ୍ସପୋର୍ଟର ପାଉଁଶ ପକାଇବା ପାଇଁ ଅନୁମତି ପାଇଥିବା ନେଇ କାଗଜପତ୍ର ଦେଖାଇଥିଲେ। ହେଲେ ମହିଳାମାନେ ଉକ୍ତ କାଗଜପତ୍ର ନକଲି ଓ ଚଞ୍ଚକତା କରି ତିଆରି କରାଯାଇଛି। ପଞ୍ଚାୟତରୁ ଏନ୍‌ଓସି ଜାଲିଆତି କରାଯାଇଛି। ଏହାର ତଦନ୍ତ କରାଯାଉ ବୋଲି ପୋଲିସ



ପାଉଁଶ ଡମ୍ପିଂ ସ୍ଥଳରେ ପୋଲିସ ଓ ଗ୍ରାମବାସୀ।

**ନୀଳଡୁଙ୍ଗୁରୀରେ ପାଉଁଶ ଡମ୍ପିଂ ପ୍ରସଙ୍ଗ**

ପାଖରେ ଦାବି କରିଥିଲେ। ଶେଷରେ ହାଇୱାଗୁଡିକୁ ପୋଲିସ ଛାଡିଦେବା ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ତହସିଲଦାରଙ୍କୁ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲା। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ସମିତି ସଭ୍ୟ ଜୟନ୍ତ ପ୍ରଧାନ, ସସ୍ମିତା ଦେହୁରି, ସମିତି ସଭ୍ୟା ବନିତା ଓରାମ, ଅଭିମନ୍ୟୁ ବାଗ, ରୋହିତ ଟପ୍ପୋ, ବିକାଶ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପାଉଁଶ ଡମ୍ପିଂ ନେଇ ଗତ ୧୪ତାରିଖରେ ଥାନାରେ ଅଭିଯୋଗ କରାଯାଇଥିଲା। ଏହାସହ ପାଉଁଶ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଥିଲା। ଏଡିଏମ୍‌ଙ୍କୁ ଦାବିପତ୍ର ଦେବା ସମୟରେ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ପାଉଁଶ ଡମ୍ପିଂ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଫିସରେ ଦାବି କରାଯାଇଥିଲା। ସେମାନେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶନିବାର ପୁଣି ପାଉଁଶ ପକାଯାଇଥିଲା ବୋଲି ଅଭିଯୋଗ କରିଥିଲେ।

# ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ସଭା

**ପଡିଆବାହାଲ, ୨୪।୬(ରାଧାମୋହନ ଷଡ଼ଙ୍ଗୀ)**

ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ଜୟଦୁର୍ଗା ଗ୍ରାମୀଣ ପାଠାଗାରଠାରେ ଶନିବାର ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ସହାୟତାରେ ବାହାମ ପଞ୍ଚାୟତ ଓ ଏଡ଼ ଏଟ ଆକ୍ସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ୫ ପଞ୍ଚାୟତର ପ୍ରତିନିଧି ଯୋଗଦେଇ ବାହାମ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ। ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ସ୍ୱାଗତ ଭାଷଣ ଓ ଏଡ଼ ଏଟ ଆକ୍ସନର ଜିଲା ସଂଯୋଜିକା ସୁଜିତା ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝାଇଥିଲେ। ଝୁଝୁମୁରା ବ୍ଲକ



ସଭାରେ ମଞ୍ଚାସୀନ ଅତିଥିମାନେ।

ସିଡ଼ିପିଓ ସବିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିଶୁ ଶ୍ରମିକଙ୍କ ଥଇଥାନ ଉପରେ ବିବରଣୀ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶର ସମ୍ପାଦକ ପ୍ରଦୀପ ବେହେରା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବର୍ତ୍ତମାନ ସମ୍ବଲପୁର ଜିଲାରେ ଶିଶୁ ଶ୍ରମିକଙ୍କ ସ୍ଥିତି ଓ ଏଥିପାଇଁ ଥିବା ଆଇନ ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ଅୟସକାନ୍ତ, ସିଆର୍‌ସିସି ଅଶ୍ୱିନୀ ସିଂହ, ଆଇସିଡ଼ିଏସ ସୁପରଭାଇଜର ଅହଲ୍ୟା ଦୀପ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ।

# ଜିଆ ଖତ ପ୍ରସ୍ତୁତି, ବ୍ୟବହାର ଉପରେ ପ୍ରଶିକ୍ଷଣ



ଜିଆ ଖତ ପ୍ରସ୍ତୁତି ଓ ଜିଆ ଉତ୍ପାଦନ ଉପରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

**ଦେବଗଡ,୨୪।୬ (ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଓଡିଶା ଖଣିଜ ସମ୍ପଦ ବିକାଶ ନିଗମ ସହାୟତାରେ ଜିଆ ଖତ ପ୍ରସ୍ତୁତି ଓ ଜିଆ ଉତ୍ପାଦନ ଉପରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୫ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଆଗ୍ରହୀ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ କେ. ରାମଶଙ୍କର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୈବିକ କୃଷିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଜିଆ ଖତ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ପ୍ରାକୃତିକ ଓ ଜୈବିକ କୃଷି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଆ ଉତ୍ପାଦନ ଓ ଜିଆ ଖତ ପ୍ରସ୍ତୁତି ଉପରେ ସମସ୍ତ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିକାଶ ଅଧିକାରୀ ଚିନ୍ମୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲାର ବିଭିନ୍ନ ବ୍ଲକରୁ ବଛା ବଛା ୨୦ ଜଣ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସମସ୍ତ ଜ୍ଞାନ କୌଶଳ ହାସଲ କରିଥିଲେ । ଏଥିସହ କୃଷି ବିଜ୍ଞାନ କେନ୍ଦ୍ରର ଜିଆଖତ ଉତ୍ପାଦନ ୟୁନିଟ ପରିଭ୍ରମଣ କରି ଜିଆଖତ ଉତ୍ପାଦନ, ଅମଳ, ଜିଆ ସାର ପ୍ରସ୍ତୁତି ଏବଂ ଏହାର ବ୍ୟବହାର ଉପରେ ସମସ୍ତ ଜ୍ଞାନ କୌଶଳ ଲାଭ କରିଥିଲେ ।

## ଦେବଗଡ଼କୁ ଆର୍‌ଡିସିଙ୍କ ଦିନିକିଆ ଗସ୍ତ

**ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ସମ୍ବଲପୁର ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଦିନିକିଆ ଗସ୍ତରେ ଆସି ବିଭିନ୍ନ ସରକାରୀ ଯୋଜନାର ତଦାରଖ କରିବା ସହ ତିଲେଇବଣି ବ୍ଲକର କେତେକ ଗ୍ରାମକୁ ଯାଇ ଉନ୍ନୟନ ପ୍ରକଳ୍ପର ତଦାରଖ କରିଥିବା ଜଣାପଡ଼ିଛି। ଆର୍‌ଡିସିଙ୍କ ଗସ୍ତ ସମୟରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କ ସମେତ ତିଲେଇବଣି ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। କୁରେଇବାହାଲ ଗ୍ରାମର ଆଡ଼ିବନ୍ଧ ଏବଂ କେନାଲ, ସଡ଼ୋ ଗ୍ରାମରେ ନିର୍ମାଣଧୀନ ଡେ କେୟାର ସବ୍ ସେଣ୍ଟର ବିଲ୍ଡିଂ, ସଡ଼ୋ- ଡୁଲୁବଡିହି ରାସ୍ତା, ପାଲକୁଦର ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣୀ ଏସ୍‌ଏଚଜି ତରଫରୁ ହୋଇଥିବା ଘୁଷୁରୀ ଫାର୍ମ, ମା’ ସୁଭଦ୍ରା ଏସ୍‌ଏଚଜିର ଛେଳି ଫାର୍ମ, ନିର୍ମଳ ସାହୁଙ୍କ ମାଛ କୁଣ୍ଡ, ତିଲେଇବଣି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନିର୍ମାଣଧୀନ ଜିଲା ମୁଖ୍ୟ ଚିକିତ୍ସାଳୟ ପରଦର୍ଶନ କରିଥିଲେ। କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ଖୁବଶିଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସଡ଼ୋ ଗ୍ରାମରେ ମିଶନ ଶକ୍ତି ମହିଳାଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ବଜ୍ରପାତରେ ଯୁବକ ଗୁରୁତର

**ଜମନକିରା,୨୪।୬(ରବୀନ୍ଦ୍ର ଦାନି):** ଜମନକିରା ଥାନା କଟଙ୍ଗପାଣି ପଞ୍ଚାୟତ ଟିକାପଡ଼ା ପ୍ରତୀକ୍ଷାଳୟରେ ଅପେକ୍ଷାରତ ଜଣେ ଯୁବକ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ହେଲେ ଟିକିଲିପଡ଼ା ଗାଁର ସୁମିତ ବେହେରା (୨୩)। ସୂଚନା ଅନୁସାରେ, ଅପରାହ୍ନ ସାଢ଼େ ୪ଟା ସମୟରେ ବର୍ଷା ଯୋଗୁ ପ୍ରାୟ ୧୦ଜଣ ଲୋକ ପ୍ରତୀକ୍ଷାଳୟରେ ଅପେକ୍ଷା କରି ରହିଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସୁମିତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜମନକିର ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ପାରୁଆଭାଡି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

**କୁଚିଣ୍ଡା,୨୪।୬(ବିରଞ୍ଚି ଦର୍ଶା)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ସାପ୍ତାହିକ ହାଟ ପ୍ରାଙ୍ଗଣରେ ସ୍ଥାପିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ଲୋକେ ଥଣ୍ଡା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗଭୀର ନଳକୂପରେ ଥିବା ପାଣି ମୋଟର ଅଚଳ ଥିବାବେଳେ ପ୍ରକଳ୍ପରେ ସଂଯୋଗ ଥିବା ଫ୍ରିଜରଟି ମଧ୍ୟ ଚୋରି ହୋଇଥିବା କୁଚିଣ୍ଡା ଉପଜିଲାପାଳ ଓ ବିଡିଓଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୧୫ଦିନ ତଳେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ନୂତନ ପାଣି ପମ୍ପ ଲଗାଇବା ସମୟରେ ଫ୍ରିଜର ଚୋରି ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଯୋଗୁ ପାରୁଆଭାଡି



ଅଚଳ ପାନୀୟଜଳ ପ୍ରକଳ୍ପ।

ପଞ୍ଚାୟତ କର୍ତ୍ତୃପକ୍ଷ ଗ୍ରୀଷ୍ମକାଳୀନ ଜଳଛତ୍ର ବନ୍ଦ କରିଥିଲେ। କିନ୍ତୁ ପରେ ପ୍ରକଳ୍ପ ଅଚଳ ହେବାରୁ ସାପ୍ତାହିକ ହାଟ ଓ ଦୈନିକ ବଜାରକୁ ଆସୁଥିବା ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



ବୈଠକରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ।

**ନାକଟିଦେଉଳ,୨୪।୬(ବୈକୁଣ୍ଠ ସାହୁ)**

ନାକଟିଦେଉଳ ବ୍ଲକ ପେଣ୍ଟବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଶନିବାର ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହିତ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଅଭିଭାବକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନାକଟିଦେଉଳ କ୍ଲଷ୍ଟର ସିଆର୍‌ସିସି ମହେଶ୍ୱର ପ୍ରଧାନ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ପରିବେଶର ବିକାଶ ଦିଗରେ ଅଭିଭାବକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷା ନାଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ

**ଶିକ୍ଷକ-ଅଭିଭାବକ ସମନ୍ୱୟ କମିଟି ବୈଠକ**

ରହିଥିବା ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ନବାଗତ ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଅଧ୍ୟକ୍ଷା ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଅଭିଭାବକ ବ୍ରଜଚନ୍ଦ୍ର ସାହୁ, ନିରାକାର ସାହୁ ଓ ଧୀରେନ କୁମାର ସାହୁ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ୩୮ ଜଣ ଅବିଭାବକ ଯୋଗଦେଇଥିଲେ। ଶେଷରେ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାଫିକ୍ ଜାମ୍, ଲୋକେ ହଇରାଣ



ଅଇଁଠାପାଲି ଛକରେ ଟ୍ରାଫିକ୍ ଜାମ।

**ସମ୍ବଲପୁର,୨୪।୬(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଅଇଁଠାପାଲି ଛକରେ ଶନିବାର ଅପରାହ୍ନ ସମୟରେ ଟ୍ରାଫିକ ଜାମ୍ ହୋଇଥିଲା। ସମ୍ବଲପୁର-ତିଲେଇବଣି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନ ଅଟକି ରହିଥିଲା। ଆମ୍ବୁଲାନ୍ସ, ବସ୍, ଟ୍ରକ୍, ସ୍କୁଲ ଗାଡି ଅଟକିଯିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜାତୀୟ ରାଜପଥ କଡରେ ଥିବା ଏକ ଗଛ କଟାଯିବାକୁ ନେଇ ଏଭଳି ସମସ୍ୟା ହୋଇଥିଲା। ଯାତ୍ରୀମାନେ ଅଭିଯୋଗ କରିଥିଲେ, ବ୍ୟସ୍ତବହୁଳ ରାସ୍ତା ଅବରୋଧ କରି ଗଛ କାଟିବା ଠିକ୍ ନୁହେଁ। ରୋଗୀ, ଛାତ୍ରୀଛାତ୍ର, ଚାକିରିଆ ଭଳି ଅନେକ ଲୋକ ଯିବାଆସିବା କରୁଛନ୍ତି। ବିଳମ୍ବ ହେବା ଫଳରେ କାମ ବାଧାପ୍ରାପ୍ତ ହେବ। ଲୋକଙ୍କୁ ସମସ୍ୟା ନ କରି ଗଛ କଟାଯିବା କଥା।

# ନିର୍ଦ୍ଧାରିତ ସମୟରେ ସରିବ ବିଦ୍ୟୁତୀକରଣ

**ସମଲେଇ ପ୍ରକଳ୍ପ**

**ସମ୍ବଲପୁର,୨୪।୬(ବି.ଶଙ୍କର)**

ସଂପ୍ରତି ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ମନ୍ଦିର ଓ ଚତୁଃପାର୍ଶ୍ୱର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ଏହି ସମଲେଇ ପ୍ରକଳ୍ପରେ ବିଦ୍ୟୁତୀକରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଟିପିଡବ୍ଲ୍ୟୁଓଡିଏଲ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ କମ୍ପାନୀ ଅଧିକାରୀ ଓ କର୍ମଚାରୀ ଲାଗିପଡିଛନ୍ତି। ଏହିକ୍ରମରେ କମଳିବଜାର ସବ୍‌ଷ୍ଟେଶନଠାରୁ ମନ୍ଦିର ଟ୍ରାନ୍ସଫର୍ମର ପର୍ଯ୍ୟନ୍ତ ୩୦୦ ବର୍ଗ ମିଟର ତାର ସଂଯୋଗ କରାଯିବ। ଏହି ୭୮୦ ମିଟର ଭୂତଳ



ସମଲେଶ୍ୱରୀ ମନ୍ଦିର ଚତୁଃପାର୍ଶ୍ୱରେ ବିଦ୍ୟୁତୀକରଣ କାର୍ଯ୍ୟ କରାଯାଉଛି।

କେବୁଲ କାର୍ଯ୍ୟ କମ୍ପାନୀ ହାତକୁ ନେଇଛି। କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି, ଭୂତଳ ତାର ପକାଇବା କାମ ଅଭିଜ୍ଞ ଠିକାଦାରଙ୍କ ଦ୍ୱାରା ସମ୍ପାଦିତ ହେଉଛି। ଏହା ଉଚ୍ଚ କ୍ଷମତା ସମ୍ପନ୍ନ ହୋଇଥିବାରୁ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱର ଚାହିଦା ମେଣ୍ଟାଇବା ସହ ୨୦୦୦ କେଭିଏ ପର୍ଯ୍ୟନ୍ତ ବିଦ୍ୟୁତ୍ ଲୋଡ ନିରବଚ୍ଛିନ୍ନ ଭାବେ ଯୋଗାଇ ଦିଆଯାଇପାରିବ। ଏହି କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଛି। ପଶ୍ଚିମଓଡ଼ିଶାରେ ବୈଦ୍ୟୁତିକ ଭିତ୍ତିଭୂମି ବିକାଶ ଦିଗରେ କମ୍ପାନୀ ଚେଷ୍ଟା ଜାରି ରଖିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚିତ କରିଛନ୍ତି।

**Institute of Hotel Management**
**Catering Technology & Applied Nutrition**
**Bhubaneswar-751010**
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**“Few seats are lying vacant”**

**Institute of Hotel Management Catering Technology and Applied Nutrition, Bhubaneswar** Invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
|---|---|---|
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before **30.06.2023** and attend the Spot admission counseling for left over seats for the above programmes on **03.07.2023 from 11.00am onwards.**
Eligibility conditions, course fee and other details are available in the Website of the Institute i.e. **www.ihmbbs.org .**
**For more Details Contact on:**
**Mob.: 9438810851 & 9937453823**

## ସଂକ୍ଷେପରେ

### ନବୋଦୟରେ ଦୀପେଶ କଳାହାଣ୍ଡି ଟପ୍ପର



ଭବାନୀପାଟଣା,୨୪।୬(ଉତ୍ତମ କୁମାର ଦାଶ): ଷଷ୍ଠ ଶ୍ରେଣୀ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କଳାହାଣ୍ଡି ଜିଲା ଟପ୍ପର ହୋଇଛନ୍ତି ଧର୍ମଗଡ ବ୍ଲକ ତରଞ୍ଜା ଗ୍ରାମର ଦିପେଶ କୁମାର। ଗତ ଏପ୍ରିଲ ୨୯ ତାରିଖରେ ଏହି ପରୀକ୍ଷା ହୋଇଥିଲା। ପିଲାବେଳୁ ପାଠପଢା ପ୍ରତି ଆଗ୍ରହ ଦେଖି ବାପା ଚିତ୍ତରଞ୍ଜନ କୁମାର ଓ ମା' ଲଳିତା କୁମାର ନବୋଦୟ ପ୍ରବେଶିକା ପରୀକ୍ଷା ଦେବାକୁ ଉତ୍ସାହିତ କରିଥିଲେ। ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହୋଇ ଦେଶ ସେବା କରିବେ ବୋଲି ଦିପେଶ କହିଛନ୍ତି। ଜିଲା ଟପ୍ପର ପରେ ତାଙ୍କ ମାମୁ ଉମ୍ବରୁଧର ସେନାପତି, ବଡବାପା ମନୋରଞ୍ଜନ କୁମାର, ଜେଜେବାପା କୁଞ୍ଜବିହାରୀ କୁମାର, ଅଜା ଶଙ୍କର ସେନାପତି ଶୁଭେଚ୍ଛା ଜଣାଇଛନ୍ତି।

### ଠିକାଦାର ସତ୍ୟବାଦୀ ପଣ୍ଡାଙ୍କ ପରଲୋକ

ବୌଦ୍ଧ,୨୪।୬(ଅଜିତ କୁମାର ବାରିକ): ବୌଦ୍ଧର ଜଣାଶୁଣା ଠିକାଦାର ସତ୍ୟବାଦୀ ପଣ୍ଡା (୯୩)ଙ୍କ ଶୁକ୍ରବାର ରାତିରେ ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ଦୀର୍ଘଦିନ ହେଲା ଅସୁସ୍ଥ ଥିବାବେଳେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବା ପରେ ସେ ଭୁବନେଶ୍ୱରଠାରେ ନିଜ ଝିଅ ଜ୍ୱାଇଁଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଇଂ. ସଞ୍ଜୟ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ଜଣେ ସ୍ପେଶାଲ କ୍ଲାସ ଠିକାଦାର ଭାବରେ ସେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ବ୍ରାହ୍ମଣ ସମାଜର କୋଷାଧକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ।

### ଅସହାୟଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ



ଗାଇସିଲେଟ୍,୨୪।୬(ବେଦପ୍ରକାଶ କଲେତ୍): ବରଗଡ଼ ଜିଲା ଗାଇସିଲେଟ ଆମ୍ବେଦକର ଛକରେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ମହିଳାଙ୍କୁ ଶନିବାର ମୁମୂର୍ଷୁ ଅବସ୍ଥାରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ମହିଳା ଜଣକ ମାନସିକ ରୋଗୀ ହୋଇଥିବାବେଳେ ସ୍ୱେଚ୍ଛାସେବୀମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ଗାଇସିଲେଟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସୁନ୍ଦରଗଡ଼ ଜିଲାରେ ରହିଥିବା ସୁଧାର ଗୃହକୁ ନେଇଥିଲେ। ସୂଚନା ଅନୁଯାୟୀ, ମହିଳା ଜଣକ ଗାଇସିଲେଟ ଅଞ୍ଚଳରେ ପ୍ରାୟ ଏକମାସ ଧରି ଲାବୁଲି କରୁଥିଲେ। ତେବେ ସ୍ଥାନୀୟ ଆମ୍ବେଦକର ଛକରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ନେଇ ସୂଚନା ପାଇ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶ, ସନ୍ତୋଷ ଦନ୍ତା ପ୍ରମୁଖ ସେଠାକୁ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ।

# ୫-ଟି ସଚିବଙ୍କୁ ଦାବିପତ୍ର ଦେବ ସମ୍ବିଧାନ ସୁରକ୍ଷା ମଞ୍ଚ

**ଚିନିକଳ ପୁନରୁଦ୍ଧାର ପ୍ରସଙ୍ଗରେ ଆଲୋଚନାଚକ୍ର**

ବରଗଡ଼, ୨୪।୬(ପ୍ରେମାନନ୍ଦ ଖମାରୀ)



ଚିନିକଳ ପୁନରୁଦ୍ଧାର ଉପରେ ଆଲୋଚନାଚକ୍ର।

ବରଗ ସମବାୟ ଚିନିକଳ ଦୀର୍ଘବର୍ଷ ଧରି ବନ୍ଦ ରହିଛି। ଏହି ଚିନିକଳକୁ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ମସୁଧା ଚାଲିଥିବା ଆଲୋଚନା ହେଉଛି। ଏହାକୁ ନେଇ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସ୍ଥାନୀୟ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଚିନିକଳର ପୁନରୁଦ୍ଧାର ପ୍ରସଙ୍ଗରେ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତେବେ ଆଲୋଚନାଚକ୍ରରେ ୩ ପ୍ରମୁଖ ଦଳର ପ୍ରତିନିଧି ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷେ ଆଲୋଚନାଚକ୍ରରେ ଉପସ୍ଥିତ ନାଗରିକମାନେ ଚିନିକଳ ଉପରେ ନିଜ ମତ ରଖିଥିଲେ। ଜିଲାର ଗର୍ବ, ଗୌରବ ତଥା ସମ୍ମାନ, ସ୍ୱାଭିମାନ କୃଷି ଏବଂ କୃଷିଶିଳ୍ପ ହୋଇଥିବାବେଳେ ଗୋଟିଏ ପରେ ଗୋଟିଏ କୃଷି ଶିଳ୍ପ ବନ୍ଦ ହେବାକୁ ନେଇ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ମେକ୍ ଇନ୍ ଇଣ୍ଡିଆ, ମେକ ଇନ ଓଡିଶା କରି କମ୍ପାନୀମାନଙ୍କୁ ଅହେତୁକ ଅନୁକମ୍ପା ଦେଇ ବୈଦେଶିକ ପୁଞ୍ଜି ଯୋଗାଡ଼ କରୁଥିବା ବେଳେ କାହିଁକି ବରଗଡ଼ ଜିଲାକୁ ଶିଳ୍ପଶୂନ୍ୟ କରାଯାଉଛି ତାହା ବୁଝାପଡୁନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ।

ସେହିପରି କୃଷକମାନଙ୍କୁ ଅଣଧାନ ଚାଷ କରିବା ପାଇଁ ଉତ୍ସାହିତ କରାଯାଉଛି। ହେଲେ ଓଡିଶାରେ ଆଳୁ ମିଶନ, ପିଆଜ ମିଶନ ଫେଲ ମାରିବା ପରେ ଶୀତଳ ଭଣ୍ଡାର, ଗୋଦାମ ଗୃହ, ବଜାର ବ୍ୟବସ୍ଥା ନାହିଁ। ପନିପରିବା ଚାଷ କଲେ ବିକ୍ରି ହେଉନାହିଁ । କେବଳ ଆଖୁ ହିଁ ଅଣଧାନ ବିକଳ୍ପର ସ୍ଥାନ ନେଇ ପାରିବ। ଧାନ ଚାଷରେ ୧ଏକର ଜମି ଚାଷ କରିବାକୁ ୮୫ଜଣ ଶ୍ରମିକ ଲାଗୁ ଥିବାବେଳେ ଆଖୁ ଚାଷରେ ୧୮୦ରୁ ୨୦୦ ଶ୍ରମିକ କାମ କରିଥାନ୍ତି। ଯଦି ଠିକ୍ ଭାବେ ଅନୁସନ୍ଧାନ କରାଯିବ, ତାହାହେଲ ଆଖୁ ଚାଷ କୃଷକଙ୍କ ପାଇଁ ଲାଭକାରୀ ଏବଂ ସର୍ବାଧିକ ଶ୍ରମିକ କାମ ପାଇଥାନ୍ତି। ସହାୟକ ମୂଲ୍ୟ ସହିତ ସୁନିଶ୍ଚିତ ବଜାର ବ୍ୟବସ୍ଥା ଅଛି। ପାଖରେ ଶିଳ୍ପ ହେଲେ ଯୁବକମାନେ ନିଯୁକ୍ତି ପାଇବେ। ଅଞ୍ଚଳ ସମୃଦ୍ଧ ହେଲେ ବ୍ୟବସାୟ ମଧ୍ୟ ଉତ୍ତମ ରୂପରେ ଚାଲିପାରିବ। ଏଣୁ ବରଗଡ଼ ଚିନି କଳ କାର୍ଯ୍ୟକ୍ଷମ କରାଯିବା ଜରୁରୀ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମତ ପ୍ରକାଶ କରିଥିଲେ। କୌଣସି ଭାବେ ଚିନିକଳ ବନ୍ଦ ବା ବିକ୍ରି କରିବାକୁ ଦେବୁ ନାହିଁ ବୋଲି ଆଲୋଚନାଚକ୍ରରେ ସଂକଳ୍ପ ନିଆଯାଇଥିଲା। ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କେ. ପଣ୍ଡିଆନ ବରଗଡ଼ ଆସୁଥିବାରୁ ଚିନିକଳ ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା କରିବାକୁ ମଞ୍ଚରେ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାଚକ୍ରରେ ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ବରଗଡ ସାମ୍ବାଦିକ ସଂଘ ଉପ ସଭାପତି ବିରେନ ପଧାନ, ଆପ୍‌ର ଜିଲା ଆବାହକ ଭବାନୀ ସାହୁ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କର, ବରିଷ୍ଠ ନାଗରିକ ସଂଘର ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ଉଦ୍ଧବ ସାହୁ, ଅବିନାଶ ବାଗ, ହରିହର ପଧାନ, ରମେଶ ପତି, ମେରିୟମ ବାର୍ଲା, ପିତାମ୍ବର ସାହୁ, ଅଚ୍ୟୁତ ସର, ଜୁଗୁନୁ ଜଗଦଲା, ରୋହନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବିଧାନ ସୁରକ୍ଷା ମଞ୍ଚ ସଭାପତି ପବିତ୍ର ଦେହେରୀ ସଭାପତିତ୍ୱ କରିଥିବା ବେଳେ ରମେଶ ମହାପାତ୍ର ସଭା ପରିଚାଳନା କରିଥିଲେ। ସଞ୍ଜୀବ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



ବୌଦ୍ଧ ଗୁଣ୍ଡିଚା ମନ୍ଦିରରେ ଶନିବାର ଶ୍ରୀଜୀଉଙ୍କ ବାମନ ଓ ପର୍ଶୁରାମ ବେଶ।

# ୨୬ ମାସ ପରେ ଗାଁକୁ ଆସିଲେ ପ୍ରଦୀପ୍ତ

**ଗ୍ରାମବାସୀଙ୍କ ଭବ୍ୟ ସମ୍ବର୍ଦ୍ଧନା**



ଗ୍ରାମରେ ନିଜ ପରିବାରବର୍ଗଙ୍କ ସହ ପ୍ରଦୀପ୍ତ।

ଭବାନୀପାଟଣା,୨୪।୬
(ଉତ୍ତମ କୁମାର ଦାଶ)

କରୋନାରେ ପୀଡିତ ହୋଇ ଦୀର୍ଘ ୨୬ ମାସର ସଂଘର୍ଷ ପରେ ସୁସ୍ଥ ହୋଇ ଶେଷରେ ନିଜ ମାଟି କଳାହାଣ୍ଡିକୁ ଫେରିଛନ୍ତି ଭବାନୀପାଟଣା ସଦର ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ଶନିବାର ଅପରାହ୍ଣରେ ସେ ନିଜ ଗାଁ ଜୁନାଗଡ଼ ବ୍ଲକ ନୂଆଗୁଡାରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀ ବେଶ ଉତ୍ସାହର ସହ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏପଟେ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଧରି ଦେଖିପାରି ନ ଥିବା ନିଜ ପରିବାର, ସମ୍ପର୍କୀୟ ଓ ସମର୍ଥକମାନେ ପ୍ରଦୀପ୍ତଙ୍କୁ ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମିଲେଟ୍ ମିଶନ ସଚେତନତା ରଥ ଉଦ୍‌ଘାଟିତ



ମିଲେଟ ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

ନୂଆପଡ଼ା,୨୪।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା କୃଷି ବିଭାଗ କାର୍ଯ୍ୟାଳୟ ସହାୟତାରେ ସିପିଏସଡବ୍ଲ୍ୟୁ ଦ୍ୱାରା ଆୟୋଜିତ ମିଲେଟ ମିଶନ ସଚେତନତା ରଥ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚକୋଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା ଅଧିକାରୀ ହିମାଂଶୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ବ୍ଲକର ୩୨ ପଞ୍ଚାୟତର ୮୦ଟି ଗ୍ରାମକୁ ଯାଇ ଲୋକଙ୍କୁ ମାଣ୍ଡିଆ ଚାଷ ଉପରେ ସଚେତନ କରିବ। ଧାନ ଚାଷ ଅପେକ୍ଷା ମାଣ୍ଡିଆ ଚାଷରେ ଚାଷୀଙ୍କୁ ଅଧିକ ଲାଭ ରହିଛି। ଜିଲାରେ ସ୍ୱୟଂ ସହାୟକ ମହିଳା ମାନେ ନିୟୋଜିତ ହୋଇ ଚାଷୀଙ୍କ ଠାରୁ ସିଧା ସଳଖ ମାଣ୍ଡିଆ କିଣୁଛନ୍ତି।

# ଶିବିରରେ ୮୬ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୨୪।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଆଦାନୀ ଫାଉଣ୍ଡେଶନ ସିମେଣ୍ଟ କାରଖାନା ଏବଂ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ସିମେଣ୍ଟନଗର ସ୍ଥିତ ଡିସ୍‌ପେନସରୀ ପରିସରରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ତଥା ସିମେଣ୍ଟ କାରଖାନା କର୍ମଚାରୀ ସଂଘ ଉପଦେଷ୍ଟା ସମ୍ବିତ ଆଚାର୍ଯ୍ୟ, ପ୍ଲାଣ୍ଟ ମ୍ୟାନେଜର ସୁନିଲ କୁମାର, କ୍ଲଷ୍ଟର ମୁଖ୍ୟ ଦିନେଶ କୁମାର ପାଠକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଓ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ୮୬ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଡା. ସୁଜିତ ନାୟକ, ମ୍ୟାନେଜର (ଏଚ୍‌ଆର୍) ଜ୍ୟୋସ୍ନା ପାଣ୍ଡେ, ସିଏସ୍‌ଆର ଫାରୋଜ ଥାଟି, ନିଷ୍ଠା ପରିବାରର ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ତ୍ରିପୁରା ସୁହୁଳା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିର ଆୟୋଜନ ପାଇଁ ଆଦାନୀ ଫାଉଣ୍ଡେଶନକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମାରକ ପ୍ରଦାନ କରାଯାଇଥିଲା। ସେହିପରି ରକ୍ତଦାତାଙ୍କୁ ଅତିଥିବୃନ୍ଦ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଭିଜିଲାନ୍ସ କୋର୍ଟରେ ପୂର୍ବତନ ଆର୍‌ଆଇ ଦଣ୍ଡିତ

ଭବାନୀପାଟଣା,୨୪।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ତହସିଲ ଅନ୍ତର୍ଗତ ବୋଡେନ ସର୍କଲ ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଈଶ୍ୱରୀ ପ୍ରସାଦ ପୁରୋହିତ ଶନିବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ପ୍ରକାଶ ଯେ, ଗତ ୨୦୧୫ରେ ଆର୍‌ଓଆର୍ (ପଟ୍ଟା)କୁ ମ୍ୟୁଟେସନ କରାଇଦେବା ପାଇଁ ଈଶ୍ୱରୀ ଅଭିଯୋଗକାରୀଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାକୁ ନେଇ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ପୂର୍ବତନ ଆର୍‌ଆଇ ଈଶ୍ୱରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ପିସି ଆକ୍ଟରେ ଅଢେଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ୧୩/୨ ପିସି ଆକ୍ଟରେ ସାଢେ ୩ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ପରେ ପୂର୍ବତନ ଆର୍‌ଆଇ ପୁରୋହିତଙ୍କୁ ଜେଲ ଯିବାକୁ ପଡିଛି। ସେହିପରି ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ପୂର୍ବତନ ଆର୍‌ଆଇଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ ପରିଚାଳନା କରୁଥିଲେ।

# କୋମନାରେ ବ୍ୟଞ୍ଜନ ବିଧି ପ୍ରକ୍ରିୟାକରଣ



ସ୍ୱୟଂ ସହାୟକ ମହିଳା ଦଳକୁ ସମ୍ମାନିତ କରାଯାଉଛି।

ନୂଆପଡ଼ା,୨୪।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଆନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ୨୦୨୩ ଉପଲକ୍ଷେ ବେସରକାରୀ ସଂସ୍ଥା ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ଓ ଆତ୍ମାଙ୍କ ମିଳିତ ଆନୁକୂଲ୍ୟରେ ବ୍ୟଞ୍ଜନ ବିଧି ପ୍ରକ୍ରିୟା କରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୋମନା ପଞ୍ଚାୟତର ସମିତି ଅଧକ୍ଷା ଅନୁସୁୟା କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ କୋମନା ଆଶିଷ କୁମାର ମେହେର, ସିପିଏସ୍‌ଡବ୍ଲ୍ୟୁ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୧୫ ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଭାଗ ନେଇ ୨୪ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏଏଚଓ ଆରଧନା ଶବର,ଏଏଓ ସଙ୍ଗିତା ମେହେର, ସିଡିପିଓ ବିମଳନୀ ପ୍ରଧାନ ବିଚାରକଭାବେ ଦାୟିତ୍ୱ ତୁଲାଇଥିଲେ। ମା'ବୈଷ୍ଣଦେବୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ କୋମନା ପ୍ରଥମ ହୋଇଥିବା ବେଳେ ଜୟ ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଦଳ ଶୁକ୍ଲିମୁଣ୍ଡି ଦ୍ୱିତୀୟ ଓ ମା' ମଙ୍ଗଳା ସ୍ୱୟଂ ସହାୟକ ମହିଳା ଦଳ କାଣ୍ଡେତରା ତୃତୀୟ ସ୍ଥାନ ଅଧିକାର କରି ମୁଖ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଓଏମ୍‌ଏମ୍ ଡିପିସି ଗୁପ୍ତା ଖଲ୍ଲୋ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକ ସଂଯୋଜକ ଉଦେମଣି ନିଆଲ, ସହ ସଂଯୋଜକ ଗୌତମ ଦୁରିଆ ଓ ଅନ୍ୟାନ୍ୟ ସହକର୍ମୀ ସହଯୋଗ କରିଥିଲେ।

# କ୍ଷତିପୂରଣ ପାଇଁ ଶ୍ରମ ବିଭାଗ ପକ୍ଷରୁ ମାମଲା

**ନିଆଁରେ ପୋଡ଼ିହୋଇ ଶ୍ରମିକ ମୃତ୍ୟୁ ଘଟଣା**

ଭବାନୀପାଟଣା,୨୪।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ସତ୍ୟ ସୁନା ନାମକ ଜଣେ ଦାଦନ ଶ୍ରମିକ ୨୦୨୨ ଡିସେମ୍ବର ୪ରେ ହାଇଦ୍ରାବାଦ ନିକଟ ଏକ ଇଟାଭାଟିରେ କାମ କରୁଥିବାବେଳେ ତାଙ୍କ ଉପରେ ଜଳନ୍ତା ଗରମ ପାଉଁଶ ପଡିଯିବାରୁ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ତେଲେଙ୍ଗାନା ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଇଟାଭାଟି ମାଲିକ ବିରୋଧରେ ମାମଲା ରୁଜୁ କରିବା ସହ ଶ୍ରମ ଆଇନ ଅନୁଯାୟୀ ମୃତ ସତ୍ୟ ସୁନାଙ୍କ ପରିବାରକୁ ଅଧିକ କ୍ଷତିପୂରଣ ରାଶି ଦେବା ପାଇଁ ଶ୍ରମିକ କ୍ଷତିପୂରଣ ଆଇନର ଧାରା-୧୦(ଏ) ଅନୁଯାୟୀ ନୋଟିସ ଜାରି ହୋଇଥିବା ଜାତୀୟ ମାନବଅଧିକାର କମିଶନଙ୍କ ତଥ୍ୟରୁ ଜଣାପଡିଛି।

ପ୍ରକାଶ ଯେ, କୋକସରା ବ୍ଲକ ସାନପୋଡ଼ାଗୁଡା ପଞ୍ଚାୟତ ନେଗିଗୁଡା ଗ୍ରାମର ବାଳମତ ସୁନାଙ୍କ ପୁଅ ସତ୍ୟ ଦାଦନ ଶ୍ରମିକ ଭାବରେ ହାଇଦ୍ରାବାଦ ନିକଟ ସୁରିଜୀ ଚନ୍ଦ୍ରାୟା ଇଟାଭାଟିରେ କାମ କରୁଥିଲେ। ୨୦୨୨ ନଭେମ୍ବର ୩୦ରେ ସେ କାମ କରୁଥିବା ସମୟରେ ନିକଟସ୍ଥ ଏକ ଚାଉଳ ମିଲରୁ ପାଉଁଶ ଆଣୁଥିବା ସମୟରେ ତାଙ୍କ ଉପରେ ହଠାତ୍ ଜଳନ୍ତା ପାଉଁଶ ପଡିଯାଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରେ ୪ ଡିସେମ୍ବରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଭବାନୀପାଟଣାର ମାନବଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କଠାରେ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ଆଧାର କରି ଜାତୀୟ ମାନବଧିକାର କମିଶନ ଗତ ୯ ମାର୍ଚ୍ଚରେ ତେଲେଙ୍ଗାନା ରାଜ୍ୟ ଶ୍ରମ କମିଶନରଙ୍କୁ ନୋଟିସ ଜାରି କରିବା ପରେ ସ୍ଥାନୀୟ ଶ୍ରମ ବିଭାଗ ତତ୍ପରତା ଦେଖାଇଥିଲା। ଫଳରେ ୧୫ ମାର୍ଚ୍ଚରେ ଇଟାଭାଟି ମାଲିକ ନାମରେ ଶ୍ରମ ବିଭାଗ କର୍ମଚାରୀ କ୍ଷତିପୂରଣ ଆଇନ ନୋଟିସ ଜାରି କରିବା ସହ ଆଇପିସିର ଧାରା ୩୦୪-ଏ ଅଧୀନରେ ଇବ୍ରାହିମପଟ୍ଟନମରେ ମାମଲା ରୁଜୁ କରିଛି। ଏହି ଘଟଣାରେ ଇଟାଭାଟି ମାଲିକ ମୃତ ସତ୍ୟ ସୁନାଙ୍କ ବାପାଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଶ୍ରମ ବିଭାଗ ନୋଟିସ ଜାରି କରିଛନ୍ତି।

# ଆମପାଣି-ଡେଙ୍ଗାଗୁଡ଼ା ୧୫ କି.ମି. ମଶାଲ ପଦଯାତ୍ରା

**କଳାହାଣ୍ଡିର ବିକାଶଧାରାକୁ ଆଗକୁ ନେବା ଲକ୍ଷ୍ୟ**

ଭବାନୀପାଟଣା,୨୪।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡିର ବିକାଶ ଧାରାକୁ ଆଗକୁ ନେବା ଲକ୍ଷ୍ୟ ନେଇ ଶନିବାର ଜିଲାର କୋକସରା ବ୍ଲକ ଆମପାଣି ବୁଢାରଜା ମନ୍ଦିରରୁ ଡେଙ୍ଗାଗୁଡା ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ପ୍ରଗତିର ଏକ ମଶାଲ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବନେତା ତଥା ଅନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର ସୁଜିତ ମେହେରଙ୍କ ନେତୃତ୍ୱରେ ୧୫କିମି ଧରି ଅନୁଷ୍ଠିତ ଏହି ମଶାଲ ପଦଯାତ୍ରାରେ ଶତାଧିକ ଲୋକ ସାମିଲ ହୋଇଥିଲେ। ଆମପାଣି ବୁଢାରଜା ମନ୍ଦିରରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ବାହାରିଥିଲା। ଡେଙ୍ଗାଗୁଡା ମନ୍ଦିରର ଐତିହ୍ୟ ସର୍ବପୁରାତନ। ହେଲେ ଏହା ଉପେକ୍ଷିତ ହୋଇ ଏବେ ଭଗ୍ନ ଅବସ୍ଥାରେ ରହିଛି। ତେଣୁ ଏହାର ପୁନରୁଦ୍ଧାର କରିବା ସହ କଳାହାଣ୍ଡିର କୋଣ ଅନୁକୋଣରେ ଏଭଳି ଐତିହ୍ୟସମ୍ପନ୍ନ ମନ୍ଦିରର ପୁନରୁଦ୍ଧାର ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସୁଜିତ କହିଛନ୍ତି। ବିଗତ ଦିନରେ ସୁଜିତ କଳାହାଣ୍ଡିର ଲୁପ୍ତ ପ୍ରାୟ ହସ୍ତତନ୍ତ ହାବସପୁରୀକୁ ବିଶ୍ୱ ଦରବାରରେ ପହଞ୍ଚାଇ ଜିଲାବାସୀଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି।




ଅନୁଷ୍ଠିତ ମଶାଲ ପଦଯାତ୍ରା।

# ପିଡିଏସ୍ ଚାଉଳ ବଣ୍ଟନ ସମୟରେ ଉତ୍ତେଜନା

**ସୁବଳୟା ପଞ୍ଚାୟତ**

- ୩ ମାସର ଚାଉଳ ବଣ୍ଟନ ନ କରି ନିଆଯାଇଥିଲା ବାୟୋମେଟ୍ରିକ
- ଅଭିଯୋଗ ପରେ ତରବରରେ ହେଉଥିଲା ଚାଉଳ ବଣ୍ଟନ

ଅମରପାଲି,୨୪।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମ ପଞ୍ଚାୟତରେ ଶନିବାର ପିଡିଏସ ଚାଉଳ ବଣ୍ଟନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ପିଡିଏସ ଚାଉଳ ସରିଯାଇଥିବା କହି ବଣ୍ଟନ ବନ୍ଦ କରିବାରୁ ପଞ୍ଚାୟତ ପରିସରରେ ଦେଖାଦେଇଥିଲା ଉତ୍ତେଜନା। ଖବରପାଇ ସୁବଳୟା ପୋଲିସ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୁବଳୟା ପଞ୍ଚାୟତରେ ଗତ ୩ ମାସର ପିଡିଏସ ଚାଉଳ କୌଣସି ହିତାଧିକାରୀଙ୍କୁ ବଣ୍ଟନ କରାଯାଇ ନ ଥିବା ବେଳେ ଯୋଗାଣ ସହାୟକ ଭରତ ଖମାରୀ ସମସ୍ତ ହିତାଧିକାରୀଙ୍କ ବାୟୋମେଟ୍ରିକ ନେଇଥିଲେ। କୌଣସି ହିତାଧିକାରୀ ପଞ୍ଚାୟତରୁ ଉକ୍ତ ତିନିମାସର ପିଡିଏସ ଚାଉଳ ନେଇ ନ ଥିଲେ । ଏ ନେଇ ହିତାଧିକାରୀମାନେ ଅଭିଯୋଗ କରିବାରୁ ଯୋଗାଣ ସହାୟକ ଜଣକ ଗତ ୨ ଦିନ ହେଲା ଲଗାତାର ଭାବେ ସେହି ତିନିମାସର ଚାଉଳକୁ ତରବର ଭାବେ ବଣ୍ଟନ କରୁଥିଲେ। କେତେଜଣ ହିତାଧିକାରୀ ପିଡିଏସ ଚାଉଳ ନେଇ ସାରିଥିବା ବେଳେ ଅନ୍ୟ କେତେଜଣ ହିତାଧିକାରୀ ଙ୍କୁ ଦେବା ପାଇଁ ଚାଉଳ ପଞ୍ଚାୟତକୁ ଆସିନାହିଁ କହି ଫେରାଇ ଦେଉଥିବାରୁ ହିତାଧିକାରୀମାନେ ଉତ୍ତେଜିତ ହୋଇଥିଲେ। ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ହୋ ହାଲ୍ଲା କରିଥିଲେ। ସେହି ସମୟରେ କେତେଜଣ ବ୍ୟକ୍ତି ହିତାଧିକାରୀମାନଙ୍କୁ ଧକ୍କା ମାରିବାରୁ ଉତ୍ତେଜନା ଦେଖା ଦେଇଥିଲା। ଫଳରେ ପୋଲିସର ସହାୟତା ନିଆଯାଇଥିଲା। ସେହି ସମୟରେ କୌଣସି କାମରେ ଯାଇଥିବା ବ୍ଲକ ଉପାଧକ୍ଷ ନାରାୟଣ ଲୁହା ପହଞ୍ଚି ଲୋକଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ସୁବଳୟା ପୋଲିସ ଉତ୍ତେଜନା ସୃଷ୍ଟି କରିଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ବ୍ଲକ ଉପାଧକ୍ଷଙ୍କ ଉପସ୍ଥିତିରେ ଲୋକଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ତେବେ ପିଡିଏସ ଚାଉଳ ବଣ୍ଟନ ନ କରି ବାୟୋମେଟ୍ରିକ ନେବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ସୁବଳୟା ଯୋଗାଣ ସହାୟକ ଖମାରୀଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଏ ନେଇ ଯୋଗାଣ ନିରୀକ୍ଷକ ପିଙ୍କୁ ଭୋଇଙ୍କୁ ପଚାରିବାରୁ ଯୋଗାଣ ସହାୟକଙ୍କ ଭାଇଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେ ଚାଉଳ ବଣ୍ଟନ କରି ନ ଥିଲେ। ଦୁଇଦିନ ହେଲା ସେହି ପିଡିଏସ ଚାଉଳ ବଣ୍ଟନ କରାଯାଉ ଥିବା ପ୍ରକାଶ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଜୁନ୍ ୨୦୨୩



## ସଂକ୍ଷେପରେ

### ମା'ଙ୍କୁ ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ପୁଅ ଗିରଫ

**ସୁନ୍ଦରଗଡ଼,୨୪ା୬(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କୁଷପଡ଼ା ଗୁରାବସା ଗ୍ରାମରେ ଜଣେ ବ୍ୟକ୍ତି ନିଜ ମା'ଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏନେଇ ସଦର ପୋଲିସ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଶୋକ କିଷାନ(୨୬)। ମିଳିଥିବା ସୂଚନା ଅନୁଯାୟୀ, ସେହି ଗ୍ରାମର ଭଗବତୀ କିଷାନ(୪୫)ଙ୍କ ୩ଟି ଝିଅପୁଅ। ଝିଅକୁ ବିବାହ କରିସାରିଛନ୍ତି। ସାନପୁଅ ବାହାରେ ରହି କାମ କରୁଥିବା ବେଳେ ବଡ଼ପୁଅ ଅଶୋକ ମା'ଙ୍କ ପାଖରେ ରହୁଥିଲେ। ଅଶୋକ ମୁଲ ମଜୁରୀ କରି ମା'ଙ୍କ ପାଖରେ ଟଙ୍କା ରଖୁଥିଲେ। ସେଥିରୁ ମା' ଭଗବତୀ କିଛି ଟଙ୍କା ଖର୍ଚ୍ଚ କରିଦେଇଥିଲେ। ଏହାକୁ ନେଇ ଗତ୨୨ତାରିଖ ସନ୍ଧ୍ୟାରେ ମା' ପୁଅଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅଶୋକ ରାଗି ଯାଇ ଏକ ପଥରରେ ମା'ଙ୍କ ମୁଣ୍ଡକୁ ମାରିଥିଲେ। ଗୁରୁତର ଅବସ୍ଥାରେ ଭଗବତୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବଜ୍ରପାତରେ ୫ ବଳଦ ମୃତ

**କୁତ୍ରା,୧୪ା୬(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ବଜ୍ରପାତ ଯୋଗୁଁ ୫ଟି ବଳଦର ମୃତ୍ୟୁ ଘଟିଛି। ତେବେ ଗୋରୁ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କୁତ୍ରାରେ ଶୁକ୍ରବାର ବିଳମ୍ବିତ ରାତିରେ ବଜ୍ରପାତ ସହିତ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ବାର୍ଲା ପଡ଼ାର ବିର୍ଷା ବାର୍ଲା ଓ ଦିଲୀପ ବାର୍ଲାଙ୍କ ୩ ଟି ଗୋରୁ ଗ୍ରାମ ନିକଟରେ ଥିବା ଏକ ଜାମୁକୋଳି ଗଛ ତଳେ ଶୋଇଥିବା ବେଳେ ତାଙ୍କ ଉପରେ ବଜ୍ରପାତ ପଡ଼ିଥିଲା। ସେହିଭଳି ଜଉରାମୁଣ୍ଡାରେ ମଧ ବଜ୍ରପାତ ଯୋଗୁଁ ୨ ଟି ଗୋରୁ ମୃତ ବରଣ କରିଥିବା ଜଣାପଡ଼ିଛି।

### ୩ ଛାତ୍ର ନବୋଦୟ ପରୀକ୍ଷାରେ ସଫଳ

**ହେମଗିର,୨୪ା୬(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ବେଲଡ଼ିପା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ଜଣ ଛାତ୍ରୀଛାତ୍ର ଜବାହର ନବୋଦୟ ବିଦ୍ୟାଳୟ ପାଇଁ ଚୟନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନେ ହେଲେ ସୁଶ୍ରୀ ପ୍ରତିଭା ଭୋଇ, ମନୀଷ ପାଣ୍ଡେ ଓ ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଦେହେରୀ। ଏହି ଅବସରରେ ଅନେକ ସଙ୍ଗଠନ ପକ୍ଷରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ବୈକୁଣ୍ଠ ପ୍ରଧାନ ତଥା ସମସ୍ତ ସଭ୍ୟମାନଙ୍କ ତରଫରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଯାଇଛି।

### ଅସହାୟଙ୍କୁ ଉଦ୍ଧାରକଲେ ସ୍ୱେଚ୍ଛାସେବୀ



**ଗାଇସିଲେଟ୍,୨୪ା୬(ବେଦପ୍ରକାଶ କଲେତ୍):** ବରଗଡ଼ ଜିଲା ଗାଇସିଲେଟ ଆମ୍ବେଦକର ଛକରେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ମହିଳାଙ୍କୁ ଶନିବାର ମୁମୂର୍ଷୁ ଅବସ୍ଥାରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ମହିଳା ଜଣକ ମାନସିକ ରୋଗୀ ହୋଇଥିବାବେଳେ ସ୍ୱେଚ୍ଛାସେବୀମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ଗାଇସିଲେଟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସୁନ୍ଦରଗଡ଼ ଜିଲାରେ ରହିଥିବା ସୁଧାର ଗୃହକୁ ନେଇଥିଲେ। ସୂଚନା ଅନୁଯାୟୀ, ମହିଳା ଜଣକ ଗାଇସିଲେଟ ଅଞ୍ଚଳରେ ପ୍ରାୟ ଏକମାସ ଧରି ଲାବୁଲି କରୁଥିଲେ। ତେବେ ସ୍ଥାନୀୟ ଆମ୍ବେଦକର ଛକରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ନେଇ ସୂଚନା ପାଇ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶ, ସନ୍ତୋଷ ଦନ୍ତା ପ୍ରମୁଖ ସେଠାକୁ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ।

# ମହୁଲସୁଖା ମାଙ୍ଗାନିଜ ଖଣିରେ ଶ୍ରମିକଙ୍କ ଧାରଣା

ଟେନ୍‌ସା,୨୪ା୬(ସମୀର ପାଢ଼ୀ)



ମହୁଲସୁଖା ମାଙ୍ଗାନିଜ ଖଣିରେ ଧାରଣା ଦେଇଥିବା ଶ୍ରମିକ।

ସୁନ୍ଦରଗଡ଼ ଜିଲାରେ ଖଣି ଶ୍ରମିକଙ୍କ ବିକ୍ଷୋଭ ଲାଗି ରହିଛି। ପ୍ରଥମେ ଖଣ୍ଡାଧାରଠାରେ ଥିବା କୁର୍ମିତାର୍ ଓଏମ୍‌ସି ଖଣି, ଗଣୁଆରେ ଥିବା ଜେଏସ୍‌ଡବ୍ଲ୍ୟୁ ଖଣି ପରେ ଏବେ ମହୁଲସୁଖା ମାଙ୍ଗାନିଜ ଖଣିରେ ଶ୍ରମିକ ଅଶାନ୍ତି ଲାଗି ରହିଛି। କୋଇଡ଼ା ମାଇନିଂ ଅନ୍ତର୍ଗତ ଭୁତୁଡ଼ା ପଞ୍ଚାୟତରେ ଥିବା ପଟ୍ଟନାୟକ ମିନେରାଲ ପ୍ରାଇଭେଟ୍ ଲିମିଟେଡ ମହୁଲସୁଖା ମାଙ୍ଗାନିଜ ଖଣିରେ ଶ୍ରମିକମାନେ ଶୁକ୍ରବାର ଠାରୁ ଧାରଣାରେ ବସିଛନ୍ତି। ବିଗତ କିଛି ମାସ ହେବ କୋଇଡ଼ା ଖଣି ଅଞ୍ଚଳରେ ଖଣି ମାଲିକମାନେ ବିଭିନ୍ନ ଆଳ ଦେଖାଇ ରେଜିଂ ଶ୍ରମିକଙ୍କୁ କାର୍ଯ୍ୟରୁ ଛଟେଇ କରିବା ସହ ମାନସିକ ନିର୍ଯ୍ୟାତନା ଦେଉଛନ୍ତି। ଅନେକ ସ୍ଥାନରେ ଶ୍ରମିକ ସଙ୍ଗଠନମାନେ ଚୁପ୍ ରହୁଥିବା ବେଳେ ଅନେକ ଖଣିରେ ଶ୍ରମିକ ସଙ୍ଗଠନ ସେମାନଙ୍କ ଅଧିକାର ପାଇଁ ଲଢ଼ିବା ଆରମ୍ଭ କରିଛନ୍ତି। ମହୁଲସୁଖା ମାଙ୍ଗାନିଜ (ପଟ୍ଟନାୟକ ମିନେରାଲ ପ୍ରାଇଭେଟ୍ ଲିମିଟେଡ ) ଖଣିରେ ଖଣି କର୍ତ୍ତୃପକ୍ଷ ଶତାଧିକ ଶ୍ରମିକଙ୍କୁ କାର୍ଯ୍ୟରୁ କାଢ଼ି ଦେବା ସହିତ ସର୍ବନିମ୍ନ ମଜୁରୀ ନ ମିଳିବା ଏବଂ ବି ରେଜିଷ୍ଟରରେ ନାମ ରହିଛି କି ନାହିଁ ଏ ନେଇ ଶ୍ରମିକମାନେ ସନ୍ଦେହରେ ରହିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ନର୍ଥ ଓଡ଼ିଶା ୱାର୍କର୍ସ ୟୁନିଅନ ସମ୍ପାଦକ ବି. ଏସ୍. ପତି ଏବଂ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନାୟକଙ୍କ ନେତୃତ୍ୱରେ ଖଣିର ସମସ୍ତ ଶ୍ରମିକ ନିଜ ଅଧିକାର ପାଇଁ ବିଗତ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଖଣି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଆସୁଥିଲେ ହେଁ ଖଣି କର୍ତ୍ତୃପକ୍ଷ କେବଳ ସମୟ ଗଡ଼ାଇ ଚାଲିଛନ୍ତି। ଅନେକ ଦିନ ଧରି ସମୟ ଅତିବାହିତ ହେବା ପରେ ଖଣି ଶ୍ରମିକ ଧାରଣାକୁ ଓହ୍ଲାଇଛନ୍ତି। ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ଶ୍ରମିକଙ୍କୁ ବୁଝସୁଝା କାରିବାକୁ ଚେଷ୍ଟା କରିଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣଭାବେ ଶ୍ରମିକ ସଙ୍ଗଠନର ସଦସ୍ୟ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଝାରବେଡ଼ାକୁ ମୋ ବସ୍ ଚଳାଚଳ ଦାବି

କୁଆଁରମୁଣ୍ଡା,୨୪ା୬(ମହେନ୍ଦ୍ର କୁମାର ସାହୁ)

ଗାଁ ଗହଳି ତଥା ଉପାନ୍ତ ଅଞ୍ଚଳର ଲୋକଙ୍କ ଗମନାଗମନର ସୁବିଧା ପାଇଁ ରାଜ୍ୟ ସରକାର ମୋ ବସ୍ ସେବା ପ୍ରଚଳନ କରୁଛନ୍ତି। ଏହି ସେବା ଲୋକଙ୍କ ଯାତାୟତରେ ବେଶ୍ ସୁବିଧା ହେଉଛି। ଅନୁରୂପଭାବେ ମୋ ବସ୍ ସେବା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଦେଇ ଚଳାଚଳ କରୁଥିବାରୁ ଗ୍ରାମାଞ୍ଚଳ ଲୋକେ ବେଶ୍ ଉପକୃତ ହେଉଛନ୍ତି। ଅନ୍ୟପକ୍ଷରେ ରାଉରକେଲାରୁ କୁଆଁରମୁଣ୍ଡା ବ୍ଲକର ଜୟଡ଼େଗା ଏବଂ ଝାରବେଡ଼ା ଅଞ୍ଚଳକୁ ଅଦ୍ୟାବଧି କୌଣସି ବସ୍ ଚଳାଚଳ କରୁ ନ ଥିବାରୁ ସାଧାରଣ ଗରୀବ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ରାଉରକେଲାରୁ ଝାରବେଡାକୁ ମୋ ବସ୍ ଚଳାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଝାରବେଡ଼ାବାସୀଙ୍କ ଏହି ଦାବି ବିଷୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ସୋମବାର କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଉତ୍ଥାପନ କରାଯିବ ବୋଲି ବରିଷ୍ଠ ବିଜେଡ଼ି ନେତା ତଥା କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର କହିଛନ୍ତି। ଝାରବେଡାକୁ ମୋ ବସ୍ ଚଳାଚଳ ହେଲେ ଝାରବେଡା ସମେତ ଝୁନମୁର, କାଦୋବାହାଲ, ଅନ୍ଧାରୀ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ। ଜିଲା ପ୍ରଶାସନ ଏହି ଦାବିକୁ ଗୁରୁତ୍ୱର ସହ ନେବାକୁ ଜନସାଧାରଣ ଦାବି କରିଛନ୍ତି।

# ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମୀକ୍ଷା



ରାଜଗାଙ୍ଗପୁର,୨୪ା୬(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ସମିତି ବୈଠକ ଗୃହରେ ଶନିବାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଚିଫ୍ ଡେଭଲପମେଣ୍ଟ ଅଫିସର ମନୋଜ ଏସ୍ ମହାଜନ (ଆଇଏଏସ) ଏମ୍‌ଜିଏନଆରଇଜିଏସ୍‌ର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦ ପଞ୍ଚାୟତର ପିଓ, କନିଷ୍ଠ ଯନ୍ତ୍ରୀ, ଜେଆରଏସ,ଗାଁ ସାଥୀ ଉପସ୍ଥିତ ଥିଲେ। ପରେ ପ୍ରତ୍ୟେକ ଗାଁ ରେ ଏମ୍‌ଜିଏନଆରଇଜିଏସ୍ ଜବ କାର୍ଡ୍ ହିତାଧିକାରୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାଜଗାଙ୍ଗପୁର ବିଡିଓ ପିୟୁସ ଲୁହାରଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଡ୍ୟାମ୍‌ରେ ବୁଡ଼ି ଶିଶୁପୁତ୍ର ମୃତ

ରାଜଗାଙ୍ଗପୁର,୨୪ା୬(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର କାଂସବାହାଲ ଡ୍ୟାମର ଗଭୀର ଜଳକୁ ଖସିଯାଇ ଜଣେ ୫ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାନପୋସ ପଞ୍ଚାୟତର ଘାଘାରା ଢିପା ଗ୍ରାମର ଆରିୟାନ କେରକେଟା। ସୂଚନା ଅନୁଯାୟୀ, ଘରେ କେହି ନ ଥିବା ସମୟରେ ଆରିୟାନ ସାଙ୍ଗ ସହ କାଂସବାହାଲ ଡ୍ୟାମକୁ ଗାଧୋଇବାକୁ ଯାଇ ଗଭୀର ଜଳକୁ ଖସିଯାଇ ଥିଲେ। ଏହି ଖବର ପାଇ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବର ପାଇ ସରପଞ୍ଚ ଆନନ୍ଦିନି କୁଜୁରଙ୍କ ସ୍ୱାମୀ ତଥା ସାମାଜିକ କର୍ମୀ ଇରିଲ ପହଞ୍ଚି ମୃତ ଦେବହକୁ କିପରି ସରକାରୀ ଚିକିତ୍ସାଳୟକୁ ନିଆଯିବ ତାର ବ୍ୟବସ୍ଥା କରିଥିଲେ।

# ଜାତୀୟ ବରିଷ୍ଠ ଉଷୁ ପ୍ରତିଯୋଗିତା ପାଇଁ ମହାରାଷ୍ଟ୍ର ଗଲେ ଲିପ୍ସା

ସୁନ୍ଦରଗଡ଼,୨୪ା୬ (ଜୟନାରାୟଣ ମେଣ୍ଡୁଲି)



ଲିପ୍ସା ଷଡ଼ଙ୍ଗୀ

ସୁନ୍ଦରଗଡ଼ ଜିଲାର ଜନ ସେବା ସମିତି ଯୋଗିମାଲ ଅନୁଷ୍ଠାନର ଖେଳାଳୀ ଲିପ୍ସା ଷଡ଼ଙ୍ଗୀ ଜାତୀୟ ବରିଷ୍ଠ ଉଷୁ ପ୍ରତିଯୋଗତିରେ ଭାଗ ନେବା ପାଇଁ ମହାରାଷ୍ଟ୍ର ଯାତ୍ରା କରିଛନ୍ତି। ପୁନେରେ ଶିବ ଛତ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୩୨ ତମ ବରିଷ୍ଠ ଉଷୁ ପ୍ରତିଯୋଗିତା ଜୁନ ୨୬ରୁ ଜୁଲାଇ ୧ ପର୍ଯ୍ୟନ୍ତ ହେବ। ଜିଲା ଉଷୁ ସଂଘର ସାଧାରଣ ସମ୍ପାଦକ ସୁଜନ କୁମାର ରଥ ଅଧିକାରୀ ଭାବେ ଯାତ୍ରାରେ ସାମିଲ ହୋଇଛନ୍ତି। ୫୨ କେଜି ବରିଷ୍ଠ ମହିଳା ବର୍ଗରେ ଲିପ୍ସା ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ଉଷୁ ସଂଘର କୌଶଳ ଅଧିକାରୀ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ଜିଲାର ସୁଜନ ରଥ କୋଚ୍‌ଭାବେ ତାଙ୍କସହ ଯାଇଛନ୍ତି। କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜିଲା ପ୍ରଶାସନ, ଓଡ଼ିଶା ଉଷୁ ସଂଘର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଇ. ଏସ ଏସ ହରିଚନ୍ଦନ, ଜିଲା ଉଷୁ ସଂଘ ସଭାପତି ତରୁଣ ଦାସ ଓ ସୁନ୍ଦରଗଡ଼ ଆମେଚର ବକ୍ସିଂ ସଂଘର ସମସ୍ତ ସଦସ୍ୟ ଲିପ୍ସାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରିଆମାଳରେ ପାନୀୟଜଳ ସମସ୍ୟା ଉତ୍କଟ

ରିଆମାଳ, ୨୪ା୬
(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ସଦର ମହକୁମାରେ ଲୋକମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ପ୍ରଶାସନ ତଥା ପାଣି ପଞ୍ଚାୟତର ଅସହଯୋଗ ପାଇଁ ଏବେ ଲୋକମାନେ ପାଣି ପମ୍ପ ଘର ତଥା ପଞ୍ଚାୟତରେ ତାଲା ପକାଇବା ପାଇଁ ସଜବାଜ ହେଉଥିବା ଜଣାପଡିଛି। ସୂଚନା ଥାଉକି ରିଆମାଳ ପଞ୍ଚାୟତ ସଦର ମହକୁମାରେ ଆଠଟି ସାହିର ଲୋକମାନେ ରୁହନ୍ତି। ଆଜକୁ ୧୦ବର୍ଷରୁ ଅଧିକ ସମୟ ହେବ ଧରମପୁର ଛକପାଖରେ ଏକ ଗଭୀର ନଳକୂପ ଖୋଳାଯାଇ ଅଞ୍ଚଳକୁ ସିଧାସଳଖ ପାଣି ଦିଆ ଯାଉଥିଲା। ବହୁ ସମୟରେ ଲାଇନ ନ ରହିଲେ ପାଣି ଆସେ ନାହିଁ। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହା ସହିତ ଗୋଟିଏ ଗଭୀର ନଳକୂପରୁ ଏତେ ବଡ ଗାଁକୁ ପାଣି ଯୋଗାଇବା ବହୁ ସମୟରେ ସମ୍ଭବ ହୁଏ ନାହିଁ। ତେଣୁ ଏକ ପାଣିଟାଙ୍କି ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନକୁ ଜଣାଇବା ସହିତ ପଟାଭାଡି ସାହି ଓ ବନ୍ଧ ସାହିରେ ଆଉ ଏକ ଗଭୀର ନଳକୂପ ଖନନ କରି ପାଣି ଯୋଗାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ମେଗା ଜଳପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ଯୋଗୁ ଏହା କରିହେବ ନାହିଁ ବୋଲି ସରପଞ୍ଚ ମନା କରିଦେଇଥିଲେ। ଚଳିତବର୍ଷ ପ୍ରବଳ ଖରା ସାଙ୍ଗକୁ ନିଅଣ୍ଟିଆ ପାଣି ସଦର ମହକୁମାରେ ଏକ ଜନ ଅସନ୍ତୋଷ ସୃଷ୍ଟି କରିବା ସହିତ ବଡ ଆନ୍ଦୋଳନ ଆଡକୁ ରାସ୍ତା ଦେଖାଉଥିବା ଜଣାପଡିଛି। ସୂଚନା ଥାଉକି ପ୍ରତ୍ୟେକ ସାହିରେ ଥିବା ନଳକୂପଗୁଡିକ ଆଉ ବ୍ୟବହାର ଉପଯୋଗୀ ହୋଇନାହିଁ। ପାଣିର ଅବ୍ୟବସ୍ଥା ଆବଣ୍ଟନ ପାଇଁ ଏବେ କିଡନୀ ସମସ୍ୟା ବହୁଳ ଭାବରେ ଦେଖିବାକୁ ମିଳୁଛି। ଫଳରେ ଲୋକମାନେ ଉକ୍ତ ପାଣି ଉପରେ ନିର୍ଭରଶୀଳ ରହୁଥିଲେ। ଆଜକୁ ଛଅ ବର୍ଷତଳେ ଏକ ପାଣି ପଞ୍ଚାୟତ ଗଠନ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଲୋକଙ୍କ ଠାରୁ ନିଆଯାଇଥିଲା। ମାସକୁ ୩୦ଟଙ୍କା ହିସାବରେ ଜଳ କର ନିଆଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ଅର୍ଥ କୁଆଡେ ଯାଉଛି ତାର ହିସାବ କାହାରି ପାଖରେ ନାହିଁ। ଯଦି ଦୁଇଦିନ ମଧ୍ୟରେ ପାନୀୟ ଜଳର ସୁବନ୍ଦୋବସ୍ତ ନ କରାଯାଏ ତା'ହେଲେ ଏକ ବଡଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ପାରିବ ନାହିଁ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛେଳି ମୃତ

କୁତ୍ରା,୨୪ା୬(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖଟକୁରବାହାଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ଏକ ଛେଳିର ମୃତ ହୋଇଛି। ଘଟଣାରୁ ଜଣାପଡ଼ିଛି, ଶୁକ୍ରବାର ରାତିରେ କୁତ୍ରା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ଖଟକୁରବାହାଲ ଛକ ନିକଟରେ ଥିବା ଏକ ଟ୍ରାନ୍ସଫର୍ମର ଓଦା ହୋଇ ସେଠାରେ ଲାଗିଥିବା ଆର୍ଥିଙ୍ଗ ତାର ତଳେ ପଡ଼ିଥିଲା। ଗ୍ରାମର ଏମ୍‌ଡି ସମିଦ୍‌ଙ୍କ ଏକ ଛେଳି ସେଠାରେ ଚଲାବୁଲା କରୁଥିବା ବେଳେ ହଠାତ୍ ଉକ୍ତ ତାର ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ହିଁ ଛେଳିର ମୃତ୍ୟୁ ଘଟିଥିଲା। ପରେ ବିଦ୍ୟୁତ୍ ବିଭାଗକୁ ଖବରଦେଲା ପରେ ବିଦ୍ୟୁତ୍ କାଟ କରି ଛେଳିକୁ ବାହାର କରାଯାଇଥିଲା। ବିଭାଗ ତରଫରୁ ଉକ୍ତ ଛେଳିର କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ତ୍ରୀହନ୍ତା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼,୨୪ା୬(ଜୟନାରାୟଣ ମେଣ୍ଡୁଲି )

ସୁନ୍ଦରଗଡ଼ ଜିଲାଦୌରା ଜଜ ଶୁଭଦର୍ଶୀ ପଟ୍ଟନାୟକ ଶନିବାର ଏକ ଯୌତୁକ ନିର୍ଯ୍ୟାତନା ଓ ହତ୍ୟା ମାମଲା (ଏସଟି କେଶ ନଂ ୪୫/୨୦୦୬)ର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀ ରୁବିନ ପୁପୁନ କୁଜୁର(୪୪)ଙ୍କୁ ଆଇପିସି ଧାରା ୩୦୨ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦୦୦ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୨ମାସ ଅଧିକ ଦଣ୍ଡାଦେଶ କରିଛନ୍ତି। ପ୍ରକାଶ ଯେ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଝାରବେର୍ଣ୍ଣା ଗ୍ରାମର ମୃତା ମହିଳାଙ୍କୁ ସ୍ୱାମୀ, ଶାଶୁ ତାରାମଣୀ କୁଜୁର ଓ ଦେଢ଼ଶୁର ଗାଲେକ୍ଷୀନ କୁଜୁର ଦେହରେ ନିଆଁ ଲଗାଇ ଦେଇଥିଲେ। ପରେ ତାଙ୍କ ଘରକୁ ଦେଢ଼ଶୁର ଫୋନ କରି ଝିଅ ଦେହରେ ନିଆଁ ଲଗାଇ ଆଇଜିଏଚରେ ଭର୍ତ୍ତି ହୋଇଛି ବୋଲି କହିଥିଲେ। ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚି ଝିଅଙ୍କୁ ଏହି ବିଷୟରେ ପଚାରିବାରୁ ସେ ସବୁ ସତ କହିଥିଲେ। ତାଙ୍କ ଶାଶୁ, ସ୍ୱାମୀ ଓ ଦେଢ଼ଶୁର ସବୁବେଳେ ତାଙ୍କ ସହ ଝଗଡ଼ା କରନ୍ତି। ଘଟଣା ଦିନ ମଧ ଝଗଡ଼ା କରିଥିଲେ। ଖାଇବାକୁ ମଧ ଦେଇ ନଥିଲେ। ସେହିଦିନ ସେ ଘର ବାହାରେ ବସିଥିବା ସମୟରେ ସ୍ୱାମୀ ତାଙ୍କୁ ଘରକୁ ଟାଣି ନେଇ ଝଗଡ଼ା କରି ଦେହରେ ନିଆଁ ଲଗେଇଦେଇଥିଲେ। ତାଙ୍କ ଦେହ ୯୦ପ୍ରତିଶତ ପୋଡ଼ିଯାଇଥିଲା। ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସମୟରେ ରାଜଗାଙ୍ଗପୁର ଅତିରିକ୍ତ ଥାନା ଅଧିକାରୀ ସସ୍ମିତା ମହନ୍ତ କେଶ ନଂ ୮/ତା୬/୧/୨୦୧୬ ଅନୁଯାୟୀ ତଦନ୍ତ କରିଥିଲେ। ୨୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ଯୁକ୍ତି ଏବଂ ପ୍ରତେକ୍ଷ୍ୟଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତି କରି ଜିଲା ଦୌରା ଜଜ ପଟ୍ଟନାୟକ ଅଭିଯୁକ୍ତ ସ୍ୱାମୀଙ୍କୁ ଦଫା ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଶାଶୁ ଓ ଦେଢ଼ଶୁରଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଥିବା ସରକାରି ଓକିଲ ସୂଚନା ଦେଇଛନ୍ତି। ଏହି କେଶକୁ ସରକାରଙ୍କ ତରଫରୁ ଜିଲା ମୁଖ୍ୟ ସରକାରୀ ଓକିଲ ଅବଦୁଲ ସମିମ ଅଖତର ପରିଚାଳନା କରୁଥିଲେ।

# ସରକାରୀ ଜମିକୁ ନେଇ ଯୁବକଙ୍କୁ ହାଣିଲେ ଦମ୍ପତି

ରିଆମାଳ, ୨୪ା୬
(ନିରଞ୍ଜନ ବେହେରା)

ରିଆମାଳ ଥାନା ଅର୍ଜୁନଝରୀ ଗ୍ରାମରେ ସରକାରୀ ଜମି ବିବାଦକୁ ନେଇ ଜନୈକ ଯୁବକଙ୍କୁ ସ୍ୱାମୀ ସ୍ତ୍ରୀ ଟାଙ୍ଗିଆରେ ହାଣି ଦେଇଥିବା ବେଳେ ଯୁବକ ଜଣକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଥାନା ଅଧିକାରୀ ଇନଚାର୍ଜ ଏସ.ଆଇ ଦେବାନନ୍ଦ ନାୟକଙ୍କ ସୂଚନା ଅନୁସାରେ ଅର୍ଜୁନଝରୀ ଗ୍ରାମର ଟୁନା ମାଟିଆରୀ(୨୭) ଏକ ବିବାଦୀୟ ସରକାରୀ ଜମିରେ ଟ୍ରାକ୍ଟର ଯୋଗେ ଧାନ ବୁଣୁଥିଲେ। ଏହା ଦେଖି ସେହି ଗ୍ରାମର ବୁଦ୍ଧିଆ ସୋହେଲା(୪୮) ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ସୋହେଲା(୪୦) ଜମିକୁ ଆସି ଏକ ଟାଙ୍ଗିଆରେ ଟୁନାଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗିଆ ଆକ୍ରମଣରେ ଟୁନାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଘର ଲୋକେ ନିକଟସ୍ଥ ଛତାବର ଡାକ୍ତଖାନାକୁ ଆଣିଥିଲେ। ତାଙ୍କର ମୁଣ୍ଡର ଉଭୟ ପାଖ, ଆଖିତଳ ଓ ନାକ ଉପରେ କ୍ଷତ ସୃଷ୍ଟି ହୋଇଛି। ବର୍ତ୍ତମାନ ସେ ଚିକିତ୍ସିତ ଅଛନ୍ତି। ରିଆମାଳ ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ କରିବା ସହିତ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ବାମଦେବ ବାରିକ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଥିଲେ। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା।

# ପୋଲିସ ତଦନ୍ତବେଳେ ଉଭୟ ପକ୍ଷ ମୁହାଁମୁହିଁ

ଲୋଇସିଂହା, ୨୪ା୬(ସୁଶାନ୍ତ ବାରିକ)



ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଅନ୍ତର୍ଗତ ବିରକେଲ ଗ୍ରାମର ମହାଲିଙ୍ଗ ଜଳାଶୟ ମାଟି ପୁନରୁଦ୍ଧାର ଓ ଜବରଦଖଲକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ଲେକ୍ରୁ ପଟେଲଙ୍କ ପରିବାର ଏବଂ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ମାମଲା ଥାନାକୁ ଯାଇଛି। ଶନିବାର ପୋଲିସ ଘଟଣାର ତଦନ୍ତ ପାଇଁ ଗାଁକୁ ଯାଇଥିବାବେଳେ ପୁଣି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ, ସ୍ଥାନୀୟ ବିଧାୟକଙ୍କ ଅନୁମୋଦନ କ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତବର୍ଷ ଗ୍ରାମର ମହାଲିଙ୍ଗ ଜଳାଶୟର ମାଟି ପୁନରୁଦ୍ଧାର କାମ ହାତକୁ ନିଆଯାଇଛି। ଜୁନ ୧୫ ପରେ ମାଟି ପୁନରୁଦ୍ଧାର କାମ ବାରଣ ସତ୍ତ୍ୱେ ଜେସିବି ମେଶିନରେ କାମ ଆରମ୍ଭ କରାଯାଇଥିଲା। ଗତ ମଙ୍ଗଳବାର ବିନା ସୂଚନା ଫଳକରେ ଏବଂ ଉପଯୁକ୍ତ କାମ ହେଉ ନ ଥିବାରୁ ଗ୍ରାମବାସୀ ଆପତ୍ତି ଉଠାଇଥିଲେ। ଏହାବାଦ ମୁଷ୍ଟିମେୟଙ୍କ ଦ୍ୱାରା ଜବରଦଖଲ ଯୋଗୁ ଜଳାଶୟ ସଙ୍କୁଚିତ ହୋଇ ପଡିଥିବା ଅଭିଯୋଗ କରିଥିଲେ। ଜବରଦଖଲ ମୁକ୍ତ ପରେ କାମ କରିବାକୁ ଦାବି କରିଥିଲେ ଗ୍ରାମବାସୀ। ଏହାକୁ ନେଇ ସେହିଦିନ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଠିକାଦାର ଗୋଷ୍ଠୀ ତରଫରୁ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ବଲାଙ୍ଗୀର ସଦର ଥାନାରେ ଅଭିଯୋଗ ହୋଇଛି।

**ବିରକେଲ ମହାଲିଙ୍ଗ ଜଳାଶୟ ବିବାଦ ଘଟଣା**

ଶୁକ୍ରବାର ଥାନାରେ ଉଭୟ ପକ୍ଷକୁ ନେଇ ଆଲୋଚନା କରାଯାଇଥିଲା। ହେଲେ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ଗାଁରେ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ଶନିବାର ତଦନ୍ତ ପାଇଁ ଗାଁରେ ପୋଲିସ ପହଞ୍ଚିଥିଲା। ଜଳାଶୟ ହିତରେ ଉଭୟ ପକ୍ଷକୁ ନେଇ ଆପୋଷ ବୁଝାମଣା ପାଇଁ ଉଦ୍ୟମ ଚଳାଇଥିଲା ପୋଲିସ। ଗ୍ରାମବାସୀଙ୍କ ତରଫରୁ ଜଳାଶୟ ଜବରଦଖଲ ହଟାଇବାକୁ କୁହାଯାଇଥିଲା। ଏତିକିବେଳେ ପ୍ରତିପକ୍ଷର ଜଣେ ବ୍ୟକ୍ତି ସେଠାରେ ଉପସ୍ଥିତ ଗ୍ରାମର ମହିଳାଙ୍କ ଉଦ୍ଦେଶ୍ୟରେ ଖରାବ ଇଙ୍ଗିତ କରିଥିଲେ।

**ଗର୍ଭବତୀଙ୍କୁ ରକ୍ତ ଦାନ କରି ଜୀବନ ବଞ୍ଚାଇଲେ ଚିତ୍ର**

ଖଡ଼ିଆଳ,(ସୁଜିତ ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ପଦ୍ମପୁର ଗ୍ରାମର ଚିତ୍ର ପଟେଲ(୨୭) ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତ ଦାନ କରି ଜୀବନ ବଞ୍ଚାଇଛନ୍ତି। ସେ ଆଗରୁ ୭ ଥର ରକ୍ତଦାନ କରିଥିବା ବେଳେ ବର୍ତ୍ତମାନକୁ ମିଶାଇ ୮ ଥର ରକ୍ତଦାନ କରିଛନ୍ତି। ଭବିଷ୍ୟତରେ ଶରୀର ସୁସ୍ଥ ଥିଲେ ସେ ୧୦୦ ଥର ରକ୍ତ ଦାନ କରିବେ ବୋଲି କହିଛନ୍ତି। ଉକ୍ତ ରକ୍ତ ଦାନ ସମୟରେ ସ୍ୱେଚ୍ଛାସେବୀ ଟିଂଟୁ ପାଣ୍ଡେ ଓ ସତ୍ୟ ବଗର୍ତ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ପଦ୍ମପୁର,୨୪।୬(ପ୍ରଦୀପ୍ତ ଦାଶ): ପଦ୍ମପୁର, ପାଇକମାଲ ଓ ସୋହେଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଜଗଦଲପୁର ଥାନା ଅନ୍ତର୍ଗତ ଗୁଣ୍ଡିଚାଡିହି ଜଙ୍ଗଲରେ ଚଢ଼ାଉ କରି ୫୫୦୦ ଲିଟର ମହୁଲ ପୋଚ, ୩୫୦ ଲିଟର ମହୁଲି ମଦ, ବାଇକ୍ (ନଂ.ଓଡ଼ି୦୩ଡି୧୦୬୭) ଏବଂ ମଦରନ୍ଧା ସାମଗ୍ରୀ ଜବତ କରିଥିଲା। ସେହିପରି ପଦ୍ମପୁର ଥାନା ମୋହନପାଲିରେ ଚଢ଼ାଉ କରି ୫୦ ଲିଟର ରନ୍ଧାମଦ ଜବତ କରିବା ସହ ଅଭିଯୁକ୍ତ ରୋହିତ ମର୍ହାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା।

### ଅବସରପ୍ରାପ୍ତ ଖେଳ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ପାଇକମାଲ,୨୪।୬(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ଟେମରୀ ହାଇସ୍କୁଲର ଅବସରପ୍ରାପ୍ତ ଖେଳ ଶିକ୍ଷକ ସାରଦା ସିଂହଙ୍କ ଏକାଦଶାହ ଅବସରରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଟେମରୀ ସରପଞ୍ଚ ଦିଲୀପ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସିଂହ ତାଙ୍କ ଶିକ୍ଷକତା ଜୀବନରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ବାଦିକଟା ହାଇସ୍କୁଲ ଶିକ୍ଷକ ଫକୀର ମୋହନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିମାନୀ ଲକ୍ଷ୍ମୀ ଭାଙ୍ଗିଲେ ରଥ

**ମାଉସୀ ମା' ମନ୍ଦିରରେ ପ୍ରଭୁଙ୍କ ବରାହ ଓ ନୃସିଂହ ଅବତାର**

ବିନିକା,୨୪।୬(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଶନିବାର ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିରାଜମାନ ପ୍ରଭୁ ଜଗନ୍ନାଥ ବରାହ ଓ ବଳଭଦ୍ର ନୃସିଂହ ଅବତାର ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ତେବେ ମାଉସୀ ମା' ମନ୍ଦିରକୁ ବିଜେ କରିଥିବା ଜଗତର ନାଥ ଜଗନ୍ନାଥ ସାଙ୍ଗରେ ମହାଲକ୍ଷ୍ମୀଙ୍କୁ ଆଣି ନ ଥିବାରୁ ଅଭିମାନୀ ଲକ୍ଷ୍ମୀ ପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଭାଙ୍ଗି ରାତିତମାମ ଭକ୍ତଙ୍କ ଘରଦ୍ୱାର ବୁଲିଥିଲେ। ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ଆଗମନରେ ଶ୍ରଦ୍ଧାଳୁମାନେ ହୁଳହୁଳି ଓ ଜୟ ମା' ଲକ୍ଷ୍ମୀ ଧ୍ୱନିରେ ପାଛୋଟି ନେଇ ଦର୍ଶନ କରିବାର ସୌଭାଗ୍ୟ ପାଇଥିଲେ। ପରେ ମହାଲକ୍ଷ୍ମୀ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଅବସରରେ ଭଜନ, କୀର୍ତ୍ତନ ଯୋଗୁ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

### ସ୍ୱେଚ୍ଛାସେବୀ ସଙ୍ଗଠନର ସାଧାରଣ ବାର୍ଷିକ ବୈଠକ

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର୍‌ର ୨୭ତମ ସାଧାରଣ ବାର୍ଷିକ ବୈଠକ ସୋନପୁର ଧୁବାମୁଣ୍ଡାସ୍ଥିତ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଅଛି । ରେଆର୍ ସଭାପତି ସଚ୍ଚିଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ସ୍ୱର୍ଗତ ପ୍ରହ୍ଲାଦ ନନ୍ଦ, ଦେବରଞ୍ଜନ ନାଗ ଓ ଥେରପି କେନ୍ଦ୍ରର ଦୁଇ ଜଣ ଶିଶୁ ତଥା ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ରେଆର୍‌ର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ଗତ ସାଧାରଣ ବାର୍ଷିକ ବୈଠକର ବିବରଣୀ ପାଠ କରିବା ସହିତ ଚଳିତବର୍ଷ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ । ରେଆର୍ ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦାନ କରି ଦୀର୍ଘ ୨୯ ବର୍ଷର କାର୍ଯ୍ୟ ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପସଭାପତି ପଦ୍ମିନୀ ବକ୍ସି, ଯୁଗ୍ମ ସମ୍ପାଦକ ସୁରେଶ ଷାଣ୍ଡ, କୋଷାଧକ୍ଷ ଅଞ୍ଜଳି ନେଗୀ ଉପସ୍ଥିତ ଥିଲେ। ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ସଦସ୍ୟା ରଞ୍ଜିତା ସାହୁଙ୍କୁ ରେଆର ର ଆଜୀବନ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା ।

# ରବି ଧାନ କିଣା ସରିଲା

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲା**

- ୩୧,୫୨୩ ଚାଷୀ ବିକିଲେ ୨୨ ଲକ୍ଷ ୯୮ ହଜାର କୁଇଣ୍ଟାଲ

ସୁବର୍ଣ୍ଣପୁର ଜିଲାରେ ୨୦୨୨-୨୩ ରବି ଧାନ କ୍ରୟକୁ ସରକାର ବନ୍ଦ କରିଛନ୍ତି । ଚାଷୀ ଆଉ ସରକାରୀ ଦରରେ ଧାନ ବିକ୍ରି କରି ପାରିବେ ନାହିଁ। ଜିଲାର ପ୍ରାୟ ୩୫ ହଜାର ହେକ୍ଟର ଜଳସେଚିତ ଜମିରେ ରବି ଧାନଚାଷ ହୋଇଥିଲା। ଧାନ ବିକ୍ରି ପାଇଁ ମୋଟ ୩୪ ହଜାର ୫୮୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତଦନୁଯାୟୀ ଏକର ପ୍ରତି ୨୬ କୁଇଣ୍ଟାଲ ହିସାବରେ ସରକାର ଚାଷୀଙ୍କ ନିକଟରୁ ଧାନ କିଣିଛନ୍ତି। ଜିଲାର ଚାଷୀଙ୍କ ବଳକା ୨୪ ଲକ୍ଷ ୨୫ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଥିଲେ। ତଦନୁଯାୟୀ ଜିଲା ପ୍ରଶାସନ ଧାନ ସଂଗ୍ରହ ପାଇଁ ମିଲର୍ସଙ୍କୁ ଟାର୍ଗେଟ୍ ବଣ୍ଟନ କରିଥିଲେ। କିନ୍ତୁ ଚଳିତ ଥର ଧାନ ଗଛରେ ପୋକ ଲାଗିବା କାରଣରୁ ଜିଲାରେ ଅମଳ କମିଛି। ସରକାରଙ୍କ ଟାର୍ଗେଟ୍ ପୂରଣ ହୋଇପାରିନି। ଧାନ କ୍ରୟ ଅବଧି ମଧ୍ୟରେ ଅନ୍‌ଲାଇନ ଟୋକନ ବ୍ୟବସ୍ଥାରେ ୩୧ ହଜାର ୫୨୩ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ସାଟେଲାଇଟ୍ ସର୍ଭେ ଓ କ୍ଷେତ୍ରୀୟ ତଦନ୍ତ ରିପୋର୍ଟ ମୂଳେ ଜିଲାର ଚାଷୀଙ୍କ ନିକଟରୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କାରେ ୨୨ ଲକ୍ଷ ୯୮ ହଜାର ୩୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ମେ ୨୨ ତାରିଖରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଧାନ ସଂଗ୍ରହ ମନ୍ଥର ଗତିରେ ଚାଲିଥିଲା। ମିଲର୍ସ ଠିକ୍ ସମୟରେ ମଣ୍ଡିକୁ ଟ୍ରକ୍ ପଠାଉ ନ ଥିଲେ। ତେବେ ସମ୍ବଲପୁର ଜିଲାର ମିଲର୍ସଙ୍କୁ ଟାର୍ଗେଟ୍ ମିଳିବା ପରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଧାନ ସଂଗ୍ରହ ତ୍ୱରାନ୍ୱିତ ହୋଇଥିଲା। ଜିଲା ଯୋଗାଣ ବିଭାଗ, ସମବାୟ ବିଭାଗ, ମିଶନ ଶକ୍ତି, ତହସିଲଦାର ଓ ଆରଏମ୍‌ସିର ଅଧିକାରୀମାନେ ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ । ଫଳରେ ମାତ୍ର ୧ ମାସ ଭିତରେ ଜିଲାରେ ଧାନ ସଂଗ୍ରହ ସୁରୁଖୁରୁରେ ସରିଛି। ସୁବର୍ଣ୍ଣପୁର ଜିଲାର ୫୦ ମିଲର୍ସ ଓ ସମ୍ବଲପୁର ଜିଲାର ୧୫ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସରକାର ସାମିଲ କରିଥିଲେ। ଜିଲାର ୬୦ ପ୍ୟାକ୍ସ ଓ ୩୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ରବି ଧାନ ସଂଗ୍ରହ ହୋଇଛି। ମିଶନ ଶକ୍ତି ସହଯୋଗରେ ଏସଏଚଜିର ମହିଳାମାନେ ଧାନ ସଂଗ୍ରହରେ ସାମିଲ ହୋଇ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି।



ସୋନପୁର ଶ୍ରୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ରାମ ଓ ଲକ୍ଷ୍ମଣ ବେଶରେ ଶ୍ରଦ୍ଧାଳୁଙ୍କୁ ଶନିବାର ଦର୍ଶନ ଦେଉଛନ୍ତି।

## ଶିକ୍ଷକ ତାଲିମ ଶିବିର

ବାଉଁଶୁଣୀ,୨୪।୬(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୪ ଦିନ ଧରି ଚାଲିଥିବା ଶିକ୍ଷକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ପ୍ରାରମ୍ଭ ତାଲିମ ଶିବିରରେ ୪ ଜଣ ସାଧନ କର୍ମୀ ଅରବିନ୍ଦ ମହାଲିକ, କାହ୍ନୁଚରଣ ସେଠୀ, ମକରନ୍ଦ ରାଜହଂସ ଓ ସୁବୋଧ ମଲ୍ଲିକ ଶିକ୍ଷଣ କାର୍ଯ୍ୟକ୍ରମ ବୁଝାଇଥିଲେ । ଶିବିରରେ ୫୧ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଓ ଚତୁର୍ଥ ଦିବସରେ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ, ବୌଦ୍ଧର ଶିକ୍ଷକ ପ୍ରଶିକ୍ଷିକା ଅନୁପମା ମେହେର ଏବଂ ତୃତୀୟ ଦିବସରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ବୌଦ୍ଧ ସନତ କୁମାର ପ୍ରଧାନ ପରିଦର୍ଶନରେ ଆସି ମାର୍ଗଦର୍ଶନ କରିଥିଲେ। ଶେଷ ଅଧିବେଶନରେ ସବୁ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଗଞ୍ଜେଇ, ଅଟୋ ଜବତ: ୨ ଗିରଫ



ଜବତ ଗଞ୍ଜେଇ, ଅଟୋ ଓ ଗିରଫ ଅଭିଯୁକ୍ତ।

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)

**ସୋନପୁର-ବିନିକା ରାସ୍ତାରେ ଅବକାରୀ ଚଢ଼ାଉ**

ସୁବର୍ଣ୍ଣପୁର ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ଏବଂ ସୋନପୁର ଓ ବିନିକା ଅବକାରୀ ଥାନା ପକ୍ଷରୁ ସୋନପୁର-ବିନିକା ରାସ୍ତାର ଘୋଡାଧାର ନିକଟରେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ଶନିବାର ଚଢାଉ ହୋଇଛି। ଏକ ଅଟୋରେ ସୁବର୍ଣ୍ଣପୁର ଜିଲାର ରାମପୁର ଅଞ୍ଚଳକୁ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ଏହି ଘଟଣାରେ ଅଟୋ ଡ୍ରାଇଭର ତଥା କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଶାଳଗୁଡ ଅଞ୍ଚଳର ପଣ୍ଡୁରାଜ ଡିଗାଲ(୨୬) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୋଗୀପଦର ଅଞ୍ଚଳର ସୁବର୍ଣ୍ଣ ଭୋଇନା(୩୪)ଙ୍କୁ ଗିରଫ କରାଯାଇଛି। ଅବକାରୀ ଓ ପୋଲିସ ବିଭାଗର ନଜରରୁ ବର୍ତ୍ତିବା ପାଇଁ ଅଟୋରେ ଗଞ୍ଜେଇ ଚାଲାଣ ସକାଶେ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଇଥିଲା। ପାସେଞ୍ଜର ପରିବହନ ନାମରେ ଅଟୋରେ ସହଜରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଅଟୋ ନଂ ଓଡି୧୯ଇ-୩୪୦୮ ତନଖି ସମୟରେ ୨୦ କିଲୋ ୮୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ ବ୍ୟବହୃତ ଅଟୋ ଓ ଗଞ୍ଜେଇ ଜବତ ହୋଇଛି। ବୌଦ୍ଧ ଜିଲା ଶଗଡା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ କରା ଯାଉଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୫୬/୨୦୨୩ ମୂଳେ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ ସା, ରାଧାକାନ୍ତ ଭୋଇ, ସବ୍ ଇନ୍ସପେକ୍ଟର ବଳବୀର ଗଡନାୟକ, ସୁଧୀର ମିଶ୍ର ଓ ଗୋବର୍ଦ୍ଧନ ରଣା ଏହି ଚଢାଉରେ ସାମିଲ ଥିଲେ।

## ପୁଣି ସୁବର୍ଣ୍ଣପୁରର ୪ କ୍ରୀଡ଼ାବିତ୍‌ଙ୍କୁ ୫ ପଦକ

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)

**ଓଡ଼ିଶା ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା**



ଜିତା ପାତ୍ର



ସୁଜାତା ମିଞ୍ଜ୍



ସୁମିତ୍ରା ପାଙ୍ଗି



ନନ୍ଦନ ବାରିକ

ଭୁବନେଶ୍ୱର କିଟ୍ ଓ କିସ୍ ପରିସରରେ ଚାଲିଥିବା ୬୯ତମ ରାଜ୍ୟ ଦୌଡକୁଦ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ୍‌ଙ୍କ ସଫଳତା ଜାରି ରହିଛି ଶନିବାର ସୁଦ୍ଧା ଜିଲାର ୯ ଜଣ କ୍ରୀଡାବିତ୍‌ଙ୍କୁ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ୧୦ ପଦକ ମିଳିଛି। ଶନିବାର ୨୩ ବର୍ଷରୁ କମ୍ ବାଳିକା ୪୦୦ମିଟର ହର୍ଡଲ୍ସରେ ଓ ୪୦୦ ମିଟର ଦୌଡରେ ଜିତା ପାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଜିତାଙ୍କ ଘର ବୀରମହାରାଜପୁର ବ୍ଲକର ଚମ୍ପାମାଳ ଅଞ୍ଚଳରେ ସେହିପରି ୨୩ ବର୍ଷରୁ କମ୍ ବାଳକ ପୋଲ ଭଲ୍ଟ ପ୍ରତିଯୋଗିତାରେ ନନ୍ଦନ ବାରିକଙ୍କୁ କାଂସ୍ୟ ପଦକ ମିଳିଛି। ନନ୍ଦନଙ୍କ ଘର ତରଭା ଅଞ୍ଚଳରେ ମହିଳା ଡିସକସ ଥ୍ରୋରେ ସୁଜାତା ମିଞ୍ଜଙ୍କୁ ରୌପ୍ୟ ପଦକ ମିଳିଛି। ସୁଜାତା ଏବେ ସୁବର୍ଣ୍ଣପୁର ପୋଲିସ ବିଭାଗରେ କାର୍ଯ୍ୟ କରୁଛନ୍ତି ୧୬ ବର୍ଷରୁ କମ୍ ବାଳିକା ୩୦୦ ମିଟର ଦୌଡରେ ସୁମିତ୍ରା ପାଙ୍ଗିଙ୍କୁ କାଂସ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ପୂର୍ବରୁ ଉମେଶ ବେହେରାଙ୍କୁ ସ୍ୱର୍ଣ୍ଣ ପଦକ, ଲିପ୍‌ସା ପଧାନଙ୍କୁ କାଂସ୍ୟ, ମହେନ୍ଦ୍ର ଥାପ୍ପାଙ୍କୁ ସ୍ୱର୍ଣ୍ଣ, ପ୍ରତିମୟୀ ଭୁକ୍ତାଙ୍କୁ ସ୍ୱର୍ଣ୍ଣ ଓ ଦୟାନିଧି ମୁଣ୍ଡାଙ୍କୁ ରୌପ୍ୟ ପଦକ ମିଳ ସାରିଛି।

## ବିଦ୍ୟୁତ୍ ଆଘାତରେ ୪ ଶ୍ରମିକ ଆହତ

ବୌଦ୍ଧ,୨୪।୬(ଅଜିତ କୁମାର ବାରିକ)

ଶନିବାର ବୌଦ୍ଧ ସହରର ବୁଟୁପାଲିଠାରେ ଏକ ନିର୍ମାଣଧୀନ ଘରର ଛାତ ପଡୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ବୁଟୁପାଲି ଠାରେ ଜଣେ ବ୍ୟକ୍ତିଙ୍କ ଘରର ଛାତ ପକାଯାଉଥିଲା। ତେବେ କୌଣସି କାରଣରୁ ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ କାମରେ ନିୟୋଜିତ ୪ ଜଣ ଶ୍ରମିକ ଛାତ ଉପରୁ ତଳକୁ ଖସିପଡି ଆହତ ହୋଇଥିଲେ। ସେମାନଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ ବୌଦ୍ଧ ସହର ମର୍ଯ୍ୟାକୁଦର ବିମଳ ସେଠୀ(୨୬), ପିଣ୍ଟୁ ମାଝୀ (୨୬) ମାଉଲସିଙ୍ଗାର ପରଦେଶ ନାଏକ(୨୨) ଓ କାଳେଶ୍ୱରର ହିରାଲାଲ ସାହୁ (୩୧)।

## ହେରାପଞ୍ଚମୀ, ଲକ୍ଷ୍ମୀ ଭାଙ୍ଗିଲେ ରଥ



ପାଇକମାଳରେ ହେରା ପଞ୍ଚମୀ ନୀତି ପାଳନ କରାଯାଉଛି।

ପାଇକମାଳ,୨୪।୬(ବଡ ଶତପଥୀ)

ରଥଯାତ୍ରା ଅବସରରେ ପାଇକମାଳରେ ହେରା ପଞ୍ଚମୀ ନୀତି ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ନୃସିଂହନାଥ ମନ୍ଦିରରୁ ମହାଲକ୍ଷ୍ମୀ ତାଙ୍କ ରଥରେ ବାହାରି ପାଇକମାଳରେ ଥିବା ମାଉସୀ ମା' ମନ୍ଦିର ନିକଟକୁ ଆସିଥିଲେ। ଏହାପରେ ମାଉସୀ ମା' ଘର ସମ୍ମୁଖରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରାଗରେ ଭାଙ୍ଗିଥିଲେ। ପରେ ସେ ନିଜ ମନ୍ଦିରକୁ ଫେରିଆସିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଗିରିଶ ନାୟକ, ମାତୃପ୍ରସାଦ ରଥ, ସୁଶାନ୍ତ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ତ୍ରିପାଠୀ, ନୃସିଂହନାଥ ମନ୍ଦିର ପୂଜକମାନେ ସହଯୋଗ କରିଥିଲେ। ଫେରିବା ସମୟରେ ପାଇକମାଳ, ନରସିଂହପଡା, ଜର୍ଜଗଡ, ଦଣ୍ଡପାଟ, ମାତୃନିକେତନ ଦୁର୍ଗାପାଲିରେ ମା' ଭଉଣୀମାନେ ଏକତ୍ରିତ ହୋଇ ନିଜ ନିଜ ଘର ସମ୍ମୁଖରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ସୂଚନାଯୋଗ୍ୟ, ଦ୍ୱିତୀୟା ଦିନ ମହାପ୍ରଭୁ ଜଗନ୍ନାଥ ତାଙ୍କ ବଡ ଭାଇ ଓ ଭଉଣୀଙ୍କୁ ଧରି ମହାଲକ୍ଷ୍ମୀଙ୍କୁ ଛାଡି ଦେଇ ମାଉସୀ ଘରକୁ ଆସିଥିଲେ । ୫ ଦିନ ହେବ ମହାପ୍ରଭୁ ଜଗନ୍ନାଥ ଘରକୁ ନ ଫେରିବାରୁ ରାଗରେ ମହାଲକ୍ଷ୍ମୀ ମାଉସୀ ଘରକୁ ଯାଇ ରଥ ଭାଙ୍ଗିଥିଲେ।

## ଟାୱାର ନିର୍ମାଣ କରିବାକୁ କହି ଠକି ନେଲେ ୩୪ଲକ୍ଷ ଟଙ୍କା

ଅମରପାଲି,୨୪।୬(ପୀତାମ୍ବର ସାହୁ)

- ଠକେଇର ଶିକାର ବୀରମହାରଜପୁର ବ୍ୟବସାୟୀ
- ଥାନାରେ ୧୧ଜଣଙ୍କ ନାମରେ ମାମଲା ରୁଜୁ
- ପୋଲିସର ତଦନ୍ତ ଆରମ୍ଭ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ହୋଇଛି ଏକ ବଡ ଧରଣର ଠକେଇ। ମୋବାଇଲ ଟାୱାର ବସାଇବାକୁ କହି ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଠାରୁ ଠକି ନିଆଯାଇଛି ଲକ୍ଷାଧିକ ଟଙ୍କା । ଏମିତି ଘଟଣା ଘଟିଛି ବୀରମହାରାଜପୁର ଥାନା ଅଧୀନ ଚମ୍ପାପୁର ଅଞ୍ଚଳରେ। ଏନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ, ବୀରମହାରାଜପୁର ଥାନା ଚମ୍ପାପୁରର ଘନଶ୍ୟାମ ମେହେରଙ୍କ ପୁଅ ଦିଲୀପଙ୍କୁ ଗତ ୨୧ ତାରିଖରେ ଏକ ଅଜଣା ନମ୍ବରରୁ ଫୋନ କଲ୍ ଆସିଥିଲା । ଯଦି ଖାଲି ସ୍ଥାନ ଅଛି ଏବଂ ଏଆରଟେଲ ଇଣ୍ଟରନେଟ ଟାୱାର ବସାଇବାକୁ ଚାହୁଁଛନ୍ତି ତେବେ ୧୦/୧୦ଫୁଟ ଯାଗାରେ ଟାୱାର ବସାଇଲେ କମ୍ପାନୀ ତରଫରୁ ୩୦ ଲକ୍ଷ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିପାଇଁ ୨୦ ବର୍ଷିଆ ଚୁକ୍ତି ହେବ ବୋଲି ମଧ୍ୟ କୁହାଯାଇଥିଲା। ଏନେଇ ଦିଲୀପ ବିଶ୍ୱାସ କରି ସମ୍ମତି ଜଣାଇ ଥିଲେ। ତେବେ ସେପଟୁ ସମସ୍ତ କାଗଜପତ୍ର ମାଗିବା ସହ ଆକାଉଣ୍ଟରେ ୧୯ ହଜାର ୫ଶହ ଟଙ୍କା ରେଜିଷ୍ଟ୍ରେଶନ ପାଇଁ ଜମା କରିବାକୁ କହିଥିଲେ। ଦିଲୀପ ଉକ୍ତ ଟଙ୍କା ମଧ୍ୟ ପୈଠ କରିଥିଲେ । ତେବେ ଉକ୍ତ ରେଜିଷ୍ଟ୍ରେଶନ ଅର୍ଥ ଫେରସ୍ତ ହେବ ବୋଲି କୁହାଯାଇଥିଲେ ମଧ୍ୟ ଠିକ ସମୟରେ ଟଙ୍କା ଫେରସ୍ତ ନ ହେବାରୁ ଦିଲୀପ କାରଣ ପଚାରିଥିଲେ। ତେବେ ଟାୱାର ବସାଇବା ପାଇଁ ବିଭିନ୍ନ ସାମଗ୍ରୀ ଆସୁଥିବା କହି ବିଭିନ୍ନ ସମୟରେ ୩୩ ଲକ୍ଷ ୫ହଜାର ୫୮୫ଟଙ୍କା ଦିଲୀପଙ୍କ ବିଭିନ୍ନ ଆକାଉଣ୍ଟରୁ ଟ୍ରାନ୍ସଫର କରି ନେଇଛନ୍ତି। ଦିଲୀପ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ନ ପାଇ ଶେଷରେ ପୋଲିସରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଦିଲୀପଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ କେସ ନଂ ୯୭/୨୩ରେ ୧୧ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ପ୍ରକାଶ କରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବ ବ୍ୟସାୟୀ ଜଣକ ବୀରମହାରାଜପୁର ଇଣ୍ଡେନ ଗ୍ୟାସର ସତ୍ତ୍ୱାଧିକାରୀ ବୋଲି ଜଣାଯାଇଛି।

## ସ୍ୱଳ୍ପ ବୃଷ୍ଟିପାତ, ଖରିଫ ଚାଷ ବିଳମ୍ବ

ବରଗଡ଼,୨୪।୬(ପ୍ରେମାନନ୍ଦ ଖମାରୀ)

**ବରଗଡ଼ ଜିଲା**

କେନାଲ ପାଣି ବନ୍ଦ ରହିଥିବା ବେଳେ ବିଳମ୍ବରେ ସ୍ୱଳ୍ପ ବୃଷ୍ଟିପାତ ହେଉଛି। ଏଭଳି ସ୍ଥିତିରେ ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅନେକ ଚାଷୀ ଏପର୍ଯ୍ୟନ୍ତ ଜମିରେ ବିହନ ବୁଣିବା ତ ଦୂରର କଥା, ହଳ ମଧ୍ୟ କରି ପାରିନାହାନ୍ତି। କାଁ ଭାଁ କିଛି ଚାଷୀ ଗଭୀର ନଳକୂପ ପାଣି ବ୍ୟବହାର କରି ବିହନ ବୁଣିଛନ୍ତି। ମାତ୍ର ପାଣି ଅଭାବରୁ ଧାନ ପହ୍ଲା ମଧ୍ୟ ନଷ୍ଟ ହେବା ଆଶଙ୍କା ଦେଖାଯାଇଛି। ଶନିବାର ଅପରାହ୍ନରେ ସାମାନ୍ୟ ବୃଷ୍ଟିପାତ ହେବା ଯୋଗୁ ଚାଷୀମାନେ ଜମି ହଳ କରିବା ସହ ବିହନ ବୁଣିବେ ବୋଲି ଆଶା ବାନ୍ଧିଛନ୍ତି। ମାତ୍ର ବର୍ଷା ନ ହେଲେ, ତାହା ମଧ୍ୟ ଠପ୍ ପଡ଼ିଯିବା ଆଶଙ୍କା ରହିଛି।

ବରଗଡ଼ ଜିଲାରେ ଜୁନ ୧୫ରୁ ସାଧାରଣତଃ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଜମିରେ ଖରିଫରେ ୨ଲକ୍ଷ ୫୧ହଜାର ହେକ୍ଟର ଜମିରେ ଧାନଚାଷ କରାଯାଏ। ସ୍ୱଳ୍ପ ବୃଷ୍ଟିପାତ ହେଲେ ଫସଲ ଉଜୁଡ଼ି ଯାଇ ମରୁଡ଼ି ସ୍ଥିତି ଉପୁଜିଥାଏ। ବିଗତ ବର୍ଷ ଗୁଡ଼ିକରେ ଜିଲାରେ ଏଭଳି ସ୍ଥିତି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏଥର ମଧ୍ୟ ଚାଷୀମାନେ ସେଭଳି ଆଶଙ୍କାରେ ରହିଛନ୍ତି। ବର୍ଷା ବିଳମ୍ବିତ ହୋଇଥିବା ବେଳେ ଜୁଲାଇ ୧ରୁ ହୀରାକୁଦ ଜଳଭଣ୍ଡାରରୁ କେନାଲ ପାଣି ଛଡ଼ାଯିବ ବୋଲି ସୂଚନା ମିଳିଛି। ଅନ୍ୟବର୍ଷ ଜୁନ ୧୫ରୁ ୨୦ତାରିଖ ମଧ୍ୟରେ କେନାଲ ପାଣି ଛଡ଼ାଯାଇ ଥିବାବେଳେ ଏଥର ତାକୁ ବିଳମ୍ବିତ କରାଯାଇଥିବା ଯୋଗୁ ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀମାନେ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରି ପାରିନାହାନ୍ତି। ସେହିପରି ବର୍ଷା ବିଳମ୍ବିତ ହୋଇଥିବାରୁ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ସମାନ ସ୍ଥିତି ପରିଲକ୍ଷିତ ହୋଇଛି । ଶନିବାର ସନ୍ଧ୍ୟାରେ ବୃଷ୍ଟିପାତ ହୋଇଥିଲେ ସୁଦ୍ଧା ତାହା ଆଶାନୁରୂପ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଅନୁକୂଳ ବର୍ଷା ନ ହେଲେ ଖରିଫ ଚାଷ କେବଳ ବିଳମ୍ବିତ କିମ୍ବା ବାଧାପ୍ରାପ୍ତ ହେବ ତାହା ନୁହେଁ, ଜିଲାରେ ପୁଣି ମରୁଡ଼ି ସ୍ଥିତି ଉପୁଜିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

ଗତ ୩ବର୍ଷରେ ଜୁନ ମାସ ବୃଷ୍ଟିପାତକୁ ତୁଳନା କଲେ ଏଥର ଏହି ମାସର ବୃଷ୍ଟିପାତ ସ୍ୱାଭାବିକ ପରିମାଣଠାରୁ ବହୁପଛରେ ରହିଛି। ଜିଲାରେ ଜୁନ୍ ମାସର ସ୍ୱାଭାବିକ ବୃଷ୍ଟିପାତ ୨୦୫.୬ମି.ମି। କିନ୍ତୁ ଚଳିତବର୍ଷ ଜୁନ ମାସ ଅତିକ୍ରମ କରିବାକୁ ଆଉ ମାତ୍ର ସପ୍ତାହେ ବାକି ଥିବାବେଳେ ଶନିବାର କେବଳ ଭଲ ଅସରାଏ ବର୍ଷା ହୋଇଛି ଏବଂ ଏହି ମାସରେ ଜିଲାରେ ମାତ୍ର ୨୭.୦୮ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି। ଅନ୍ୟପଟେ ୨୦୨୧ ଜୁନ ମାସରେ ସ୍ୱାଭାବିକ ବୃଷ୍ଟିପାତରୁ ଅଧିକ ଅର୍ଥାତ୍ ୨୦୯.୦୫ମି.ମି ବୃଷ୍ଟିପାତ ହୋଇଥିଲା। କିନ୍ତୁ ୨୦୨୨ରେ ଜୁନ ମାସର ବୃଷ୍ଟିପାତ ଯଥେଷ୍ଟ କମ୍ ରହିଥିଲା ଅର୍ଥାତ୍ ସେତେବେଳେ ୧୨୩.୭୩ ମି.ମି ବୃଷ୍ଟିପାତ ରେକର୍ଡ଼ କରାଯାଇଥିଲା। ଯେଭଳି ବିଳମ୍ବରେ ସ୍ୱଳ୍ପ ବୃଷ୍ଟିପାତ ହେଉଛି, ଏଥର ଜୁନ ମାସର ବର୍ଷା ବିଗତବର୍ଷ ତୁଳନାରେ ଆହୁରି କମ୍ ରହିବ ବୋଲି ଅନୁମାନ କରାଯାଉଛି। ଫଳରେ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

କଲାପାଣି ଗ୍ରାମର ଚାଷୀ ସୁରେଶ ନେକେଣ୍ଟି କହିଛନ୍ତି, ବର୍ଷା ବିଳମ୍ବରେ ହୋଇଥିବା ବେଳେ କେନାଲ ପାଣି ଛଡ଼ା ଯାଇନାହିଁ । ଫଳରେ ଖରିଫ ଚାଷକାର୍ଯ୍ୟ ଠପ୍ ପଡ଼ି ଯାଇଛି। ଯାହାର ଗଭୀର ନଳକୂପ ରହିଛି, ସେମାନେ କେବଳ ଅଳ୍ପ ଜମିରେ ବିହନ ବୁଣିଛନ୍ତି। ଆରମ୍ଭରୁ ଖରିଫ ଚାଷ ବାଧାପ୍ରାପ୍ତ ହୋଇଛି ବୋଲି ସେ କହିଛନ୍ତି। ସେହିପରି ବିଭୀଷଣ ମହାକୁର ନାମକ ଆଉ ଜଣେ ଚାଷୀ କହିଛନ୍ତି, ଭଲ ବର୍ଷା ଲାଗି ନ ରହିଲେ ଜିଲାରେ ପୁଣି ମରୁଡ଼ି ସ୍ଥିତିକୁ ଏଡ଼ାଇ ଦେଇ ହେବନାହିଁ। ତେବେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ ଅମାତ କହିଛନ୍ତି, ଖରିଫ ଚାଷ କିଛିଟା ବିଳମ୍ବ ହୋଇଛି। କିନ୍ତୁ ବର୍ଷା ଲାଗି ରହିଲେ ସେଭଳି କିଛି ପ୍ରଭାବିତ ହେବା ଆଶଙ୍କା ନାହିଁ।



କଲାପାଣି ଅଞ୍ଚଳରେ ଗଭୀର ନଳକୂପ ପାଣିରେ ତଳିପକା ଯାଇଛି।




## ସଂକ୍ଷେପରେ

### ବିଜୁଳି ମାରିବାରୁ ଯୁବକ ଗୁରୁତର

**ରାଉରକେଲା,୨୪।୬(ଦିନେଶ ମିଶ୍ର):** ବିଜୁଳି ମାରିବାରୁ କୁସୁମଟୋଲା ବସ୍ତିର ଜଣେ ଯୁବକ ଶନିବାର ଗୁରୁତର ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ଚାନ୍ଦିପୋଷ ଥାନା ଅନ୍ତର୍ଗତ ହାତୀଓଡା ଗ୍ରାମ କୁସୁମ ଟୋଲା ବସ୍ତିର ଇରଫାନ ପାଲାନ୍ ବାର୍ଲା(୨୪) ଶନିବାର ସନ୍ଧ୍ୟା ସାଢ଼େ ୪ଟାରେ ଘର ପାଖରେ ଥିବା ଏକ ରାସନ ଦୋକାନକୁ ରାସନ ଆଣିବାକୁ ଯାଉଥିବାବେଳେ ହଠାତ୍ ବିଜୁଳି ମାରିଥିଲା। ଫଳରେ ସେ ଅଚେତ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଏକ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଚାନ୍ଦିପୋଷ ସରକାରୀ ଡାକ୍ତରଖାନା ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

### ଅଢ଼େଇ ଲକ୍ଷ ପାଇବା ଲୋଭରେ ହରାଇଲେ ଲକ୍ଷେ
#### ସାଇବର ଠକେଇ

**ରାଉରକେଲା,୨୪।୬(ଦିନେଶ ମିଶ୍ର):** ରାଉରକେଲା ଛେଣ୍ଡ କଲୋନୀ ଅଞ୍ଚଳର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଅଢେଇ ଲକ୍ଷ ଟଙ୍କା ପାଇବା ଲୋଭରେ ଲକ୍ଷେ ଟଙ୍କା ହରାଇବା ପରେ ସେ ଛେଣ୍ଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଛେଣ୍ଡ କଲୋନୀର ପ୍ରେମ ପାଣିଗ୍ରାହୀ ଏକ ଘରୋଇ କମ୍ପାନୀରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାମ କରନ୍ତି। ଗତ ୧୭ ତାରିଖରେ ଭୁବନେଶ୍ୱରରେ ରହୁଥିବା ଜଣେ ବନ୍ଧୁ ଇନ୍‌ଷ୍ଟାଗ୍ରାମ୍‌ରେ ମାତ୍ର ୮୦ ହଜାର ଟଙ୍କା ଇନ୍‌ଭେଷ୍ଟ କରି ୪ ଲକ୍ଷ ଟଙ୍କା ପାଇଥିବା ଫୋନ୍ ଯୋଗେ କହିଥିଲେ। ଏହାସହ ତାଙ୍କୁ ଇନ୍‌ଷ୍ଟାଗ୍ରାମରେ ଏକ ଲିଙ୍କ୍ ପଠାଇଥିଲେ। ପ୍ରେମ୍ ବନ୍ଧୁଙ୍କ କଥାରେ ପଡି ଗତ ୨୧ ତାରିଖରେ ପ୍ରଥମେ ୧୦ ହଜାର ଓ ପରେ ୯୦ ହଜାର ଟଙ୍କା ଇନଭେଷ୍ଟ କରିବାରୁ ତାଙ୍କୁ ଅଢ଼େଇ ଲକ୍ଷ ଟଙ୍କା ମିଳିବ ବୋଲି ଜାଣିବା ପରେ ପ୍ରଥମେ ୧ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ। ଇନଭେଷ୍ଟ କରିବାର ଦୁଇଦିନ ପରେ ଇନ୍‌ଷ୍ଟାଗ୍ରାମ ଲିଙ୍କ୍ ନ ଖୋଲିବାରୁ ପ୍ରେମ୍ ଭୁବନେଶ୍ୱରରେ ରହୁଥିବା ତାଙ୍କ ସାଙ୍ଗଙ୍କୁ ଫୋନ କରିଥିଲେ। ଉକ୍ତ ଇନ୍‌ଷ୍ଟାଗ୍ରାମ୍ ଫେକ୍ ଥିବା ଜାଣିବା ପରେ ଶନିବାର ପ୍ରେମ୍ ଛେଣ୍ଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଏନ୍‌ଏମ୍‌ଡିସି ପାଇଁ ସେମି ରୋଲ୍ ପ୍ଲେଟ ରୋଲିଂ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍-୧ ନିଜ ସଫଳତାକୁ ବଜାୟ ରଖି ଏନ୍‌ଏମ୍‌ଡିସି ନାଗାର୍ନର ଗ୍ରୀନ ଫିଲ୍ଡ ପ୍ରକଳ୍ପର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରଥମ ଥର ୭୦ମିମି ମୋଟା, ୧୨୫୦ମିମି ଚଉଡା ଓ ୧୪ହଜାର ମିମି ଲମ୍ବ ବିଶିଷ୍ଟ ୧୧ଟି ସେମି ରୋଲ ପ୍ଲେଟ୍ ରୋଲିଂ କରିପାରିଛି। ୧୦୮. ୬୬ ଟନ୍ ଓଜନ ବିଶିଷ୍ଟ ୧୧ଟି ସେମି ରୋଲ୍ ପ୍ଲେଟ୍‌ର ପ୍ରଥମ ଲଟ୍ ୨୦୨୩ ଜୁନ୍ ୨୨ରେ ସିଆର୍‌ଏମ୍, ଏସ୍‌ଏସ୍‌ଏମ୍ ଓ ପାଇପ ପ୍ଲାଣ୍ଟ ବିଭାଗ ସିଜିଏମ୍ ସୁବ୍ରତ କୁମାର ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୧ ବିଭାଗର ଜିଏମ୍ ଇନ୍‌ଚାର୍ଜ କଲ୍ୟାଣ ସମାଜଦରଙ୍କ ଉପସ୍ଥିତିରେ ସଡକ ପଥରେ ଏନ୍‌ଏମ୍‌ଡିସି ନାଗାର୍ନର କାରଖାନାକୁ ପଠାଯାଇଥିଲା।

# ନିୟନ୍ତ୍ରଣ ହରାଇଛି ଅଦା ଦର

**ରାଉରକେଲା,୨୪।୬(ସଙ୍ଗୀତା ଜେନା)**

- ଦରବୃଦ୍ଧି ଯୋଗୁ ଖାଉଟିଙ୍କ ଉପରେ ବୋଝ
- ଉତ୍ପାଦନ ହ୍ରାସ ଯୋଗୁ ଉପୁଜିଛି ସମସ୍ୟା

ଖାଦ୍ୟ ପ୍ରସ୍ତୁତିରେ ପ୍ରମୁଖ ମସଲା ଭାବେ ବ୍ୟବହାର କରାଯାଉଥିବା ଅଦାର ବଜାର ଦର ହୁ ହୁ ହୋଇ ବଢିଚାଲିଛି। ଏହି କ୍ରମରେ ରାଉରକେଲାରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେଉଛି। ବର୍ତ୍ତମାନ ରାଉରକେଲା ବଜାରରେ ଅଦା ଦର କିଲୋ ପ୍ରତି ୩ଶହରୁ ୩୫୦ ଟଙ୍କାରେ ବିକ୍ରି ହେଉଛି। ଦର ବୃଦ୍ଧି ଯୋଗୁ ଲୋକମାନେ ଅଦା ବ୍ୟବହାର କମେଇ ଦେଇଥିବା ଦେଖିବାକୁ ମିଳୁଛି। ବାହାର ରାଜ୍ୟରେ ଉତ୍ପାଦନ ହ୍ରାସ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ବ୍ୟବସାୟୀ କହୁଛନ୍ତି।

ସୂଚନା ଅନୁସାରେ, ରାଉରକେଲାକୁ ନାଗପୁର, ଝାନସୀ, ରାଞ୍ଚି ଆଦି ସ୍ଥାନରୁ ଅଦା ଆସୁଛି। ରାଉରକେଲାରୁ ଓଡ଼ିଶାର କେନ୍ଦୁଝର, ଦେବଗଡ଼ ସମେତ ପଡୋଶୀ ଝାଡ଼ଖଣ୍ଡର ସିମଡେଗା, ଜାମଦା ଆଦି ଅଞ୍ଚଳକୁ ଦୈନିକ ୩/୪ ଟନ ଅଦା ଯୋଗାଣ କରାଯାଉଛି। ରାଉରକେଲାରୁ ଅନ୍ୟ ଅଞ୍ଚଳକୁ ଅଦା ଯୋଗାଣ ହେଉଥିବା ବେଳେ ଏଠାରେ ଖାଉଟିମାନେ ଅଦା କିଲୋ ପ୍ରତି ୩ଶହରୁ ୩୫୦ ଟଙ୍କା ଦରରେ କିଣୁଛନ୍ତି। ପ୍ରକୃତପକ୍ଷେ ହୋଲସେଲ୍‌ରେ ଅଦା ଦର କିଲୋ ପ୍ରତି ୧୭୦ରୁ ୧୮୦ ଟଙ୍କା ରହୁଛି। ଖୁଚୁରା ବ୍ୟବସାୟୀମାନେ ଏହାକୁ ପ୍ରାୟ ୨ଗୁଣା ଅଧିକ ଦରରେ ବିକ୍ରି କରୁଥିବାରୁ ଅଦା ଦର ଆକାଶଛୁଆଁ ହୋଇଛି। ଏହାଦ୍ୱାରା ଖାଉଟିମାନଙ୍କ ଉପରେ ସିଧାସଳଖ ପ୍ରଭାବ ପଡୁଛି।



ରାଉରକେଲା ସହରର ଏକ ଦୋକାନରେ ବିକ୍ରି ହେଉଥିବା ଅଦା।

ଏ ସମ୍ପର୍କରେ ଡେଲି ମାର୍କେଟର ଅଦା ହୋଲ୍‌ସେଲ୍‌ର ମହେଶ୍ୱର ସାହୁ କୁହନ୍ତି, ୪୬ ବର୍ଷ ମଧ୍ୟରେ ଅଦା ଦର ଏତେ ପରିମାଣରେ ବୃଦ୍ଧି ପାଇବା କେବେ ଦେଖି ନ ଥିଲି। ଆମେ ସାଧାରଣତଃ ଖୁଚୁରା ବ୍ୟବସାୟୀ ଅର୍ଥାତ ୨ୟ ପକ୍ଷଙ୍କୁ ଅଦା କେଜି ପିଛା ୧୭୦ରୁ ୧୮୦ ଟଙ୍କାରେ ଦୈନିକ ପ୍ରାୟ ୧୦୦ ବସ୍ତା ବିକ୍ରି କରୁଛୁ। ହେଲେ ସେମାନେ ୩ୟ ପକ୍ଷ ଅର୍ଥାତ ଛୋଟ ବ୍ୟବସାୟୀମାନଙ୍କୁ ଅତି ଚଢ଼ାଦରରେ ବିକ୍ରି କରୁଛନ୍ତି। ସମ୍ପ୍ରତି ପରିବହନରେ ଖର୍ଚ୍ଚ କାଟ କରିବାକୁ ଟ୍ରକ୍ ପରିବର୍ତ୍ତେ ଟ୍ରେନରେ ମାଲ୍ ଆସୁଛି। କିଛି ଦିନ ମଧ୍ୟରେ କୋରାପୁଟରୁ



ମହେଶ୍ୱର ସାହୁ



ଶ୍ରୀକାନ୍ତ ଗୁମାନସିଂହ

ନୂତନ ଅଦା ଆସିବା ପରେ ଦର ହ୍ରାସ ପାଇବ। ପ୍ରତ୍ୟେକ ବର୍ଷ ଆସାମରୁ ସିଲିଗୁଡ଼ି ଦେଇ ଅଦା ଆସିଥାଏ। ଅମଳ ସମୟରେ ଦର କମ୍ ଥିବାବେଳେ ଚଳିତ ଥର ବନ୍ୟା ଓ ବର୍ଷା ଫସଲ ନଷ୍ଟ କରିଦେଲା। ଯେଉଁଠାରେ ଚାଷ ହୋଇଛି ସେଠାରେ ଉତ୍ପାଦନ କମ୍ ରହିଛି ବୋଲି ସାହୁ କହିଛନ୍ତି। ସେହିପରି ପାନପୋଷ ନିୟନ୍ତ୍ରିତ ବଜାର କମିଟିର ସୁପରଭାଇଜର ଶ୍ରୀକାନ୍ତ ଗୁମାନସିଂହ କୁହନ୍ତି, ଅଦା ଚାଷ ହେଉଥିବା ଗୁଜୁରାଟ, ରାଞ୍ଚି, ଆସାମରେ ଫସଲ ନଷ୍ଟ ଯୋଗୁ ସାରା ଦେଶରେ ଅଦା ଦର ବୃଦ୍ଧି ପାଇଛି। ଏହା ଆମ ହାତରେ ନାହିଁ। ତେବେ ନୂତନ ଫସଲକୁ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଥିଲେ।

## ଜୁଲାଇ ୭ ସୁଦ୍ଧା ଉଷା ସର୍ଭେ ପ୍ରାପ୍ୟରାଶି ଦେବାକୁ ପ୍ରତିଶ୍ରୁତି

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଉଷା ସର୍ଭେ କାର୍ଯ୍ୟରେ ନିୟୋଜିତ ହୋଇଥିବା ୧୫ରୁ ଊର୍ଦ୍ଧ୍ୱ ଶିକ୍ଷିତ ଯୁବତୀ ଯୁବକଙ୍କୁ ୨ମାସର ବେତନ ମିଳିନାହିଁ। ଫଳରେ ସେମାନେ ଗତ ଶୁକ୍ରବାର ଆର୍‌ଏମ୍‌ସିରେ ଫେରାଦ ହେବା ସହ ଉଦିତନଗର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଯୁବତୀଯୁବକଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ କରିଥିବା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଥାନାକୁ ଡକାଇ ଆଲୋଚନା କରିଥିଲା। ଆସନ୍ତା ଜୁଲାଇ ୭ ତାରିଖ ମଧ୍ୟରେ ଯୁବତୀଯୁବକଙ୍କ ୨ ମାସର ଦରମା ପ୍ରଦାନ କରାଯିବ ବୋଲି ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ସୁବ୍ରତ ରାୟ ଉଦିତନଗର ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ଲାଟ୍‌ଫର୍ମରେ ନାହିଁ ଟଏଲେଟ, ଯାତ୍ରୀ ଅସନ୍ତୁଷ୍ଟ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ରେଲୱେ ଷ୍ଟେଶନର ୪ ଓ ୫ନମ୍ବର ପ୍ଲାଟଫର୍ମରେ ଟଏଲେଟ ସୁବିଧା ନାହିଁ। ଫଳରେ ଉକ୍ତ ପ୍ଲାଟଫର୍ମରେ ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ରାଉରକେଲା ରେଳ ଷ୍ଟେଶନର ୪ ଓ ୫ ନଂ. ମୁଖ୍ୟ ପ୍ଲାଟଫର୍ମରୁ ପ୍ରାୟ ୧କି.ମି. ଦୂର ଝାରସୁଗୁଡା ରେଳପଥ ପଟକୁ ଦୁଇଟି ଲେଖାଏ ମହିଳା ପୁରୁଷ ଟଏଲେଟ ରହିଛି। ଉକ୍ତ ଟଏଲେଟକୁ ତାଲା ପକାଯାଇଥିବା ବେଳେ ଅନ୍ୟ ଏକ ପୁରୁଷ ଟଏଲେଟରେ ମଧ୍ୟ ଶନିବାର ତାଲା ପଡିଥିଲା। ପ୍ଲାଟଫର୍ମର ଅନ୍ୟ ଏକ ପୁରୁଷ ଟଏଲେଟ ଅପରିଷ୍କାର ଅବସ୍ଥାରେ ଥିବା ବେଳେ ତାହା ରେଳଯାତ୍ରୀଙ୍କ ପାଇଁ ବ୍ୟବହାର ଉପଯୋଗୀ ନ ଥିଲା ବୋଲି ଜଣେ ଯାତ୍ରୀ କହିଛନ୍ତି। ଉଲ୍ଲେଖନୀୟ, ପ୍ଲାଟଫର୍ମ ନଂ-୪ ଓ ୫ର ବିପରୀତ ଦିଗ ଅର୍ଥାତ ରାଞ୍ଚି ରେଳପଥ ପଟକୁ ମୁଖ୍ୟ ପ୍ଲାଟଫର୍ମ ଦୂରତା କମ ଥିବା ବେଳେ ଗୋଟିଏ ବି ସାର୍ବଜନୀନ ଟଏଲେଟ ନିର୍ମାଣ ହୋଇନାହିଁ। ଫଳରେ ପ୍ରତିଦିନ ୪ ଓ ୫ ନଂ. ମୁଖ୍ୟ ପ୍ଲାଟଫର୍ମରେ ରେଳଯାତ୍ରୀମାନେ ହଟହଟା ହେଉଛନ୍ତି। ବିଶେଷ କରି ମହିଳା ଏବଂ ଛୋଟ ପିଲାମାନେ ବେଶୀ ସମସ୍ୟା ଭୋଗୁଥିବା ଜଣାପଡିଛି। ଜଣେ ରେଳଯାତ୍ରୀ କଲିକତାର ହର୍ଷ ଚୌଧୁରୀ ଇସ୍ପାତ ଟ୍ରେନ୍ ଅପେକ୍ଷାରେ ପ୍ଲାଟଫର୍ମ ୪ରେ ରହିଥିବା ବେଳେ ଟଏଲେଟ ସମସ୍ୟାର ସମ୍ମୁଖୀନ ହୋଇଥିବା କହିଛନ୍ତି। ମହିଳାମାନେ ଏଥିଯୋଗୁ ବିଶେଷ ପ୍ରଭାବିତ ହେଉଥିବା ଉଲ୍ଲେଖ କରିବା ସହ ଟଏଲେଟ ଗୁଡିକରେ ତାଲା ପକାଇବା ସମ୍ବେଦନଶୀଳ ବିଷୟ ବୋଲି ସେ କହିଥିଲେ। ସେହିପରି ଜଣେ ମହିଳା ରେଳଯାତ୍ରୀ ସେନେଲା ସାମଦ ନିଜ ଛୋଟ ଛୁଆ ଧରି ସକାଳୁ ଟ୍ରେନ ଅପେକ୍ଷାରେ ପ୍ଲାଟଫର୍ମ ନଂ-୫ରେ ରହିଥିବା ବେଳେ ଟଏଟେଲ ବନ୍ଦ ଯୋଗୁ ବିଶେଷ ଅସୁବିଧା ଭୋଗିଥିବା କହିଥିଲେ। ଏ ନେଇ ସୁନ୍ଦରଗଡ ଜିଲା ଓଡଗାଁର ବିକି ମୁଣ୍ଡା ଓ ତାଙ୍କ ସ୍ତ୍ରୀ ବିରିସି ମୁଣ୍ଡା ମଧ୍ୟ ଟଏଲେଟ ସମସ୍ୟା ଭୋଗିଥିବା କହିତ୍ଲେ। ଏ ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସଙ୍କୁ ପଚାରିବାରୁ ସେ କହିଲେ, ୪ ଓ ୫ ନମ୍ବର ପ୍ଲାଟଫର୍ମ ବହୁ ପୁରୁଣା। ଟଏଲେଟ ସୁବିଧା ଝାରସୁଗୁଡା ରେଳପଥ ପଟକୁ ରହିଛି। ଯାତ୍ରୀମାନେ ଟଏଲେଟ ଗୁଡିକୁ ଅପରିଷ୍କାର କରୁଛନ୍ତି। ଫଳରେ ଟଏଲେଟ ଗୁଡିକ ପରିତ୍ୟକ୍ତ ହୋଇପଡୁଛି। ଖୁବଶୀଘ୍ର ୪ ଓ ୫ ନମ୍ବର ପ୍ଲାଟଫର୍ମର ରାଞ୍ଚି ପଟରେ ଉତ୍କୃଷ୍ଟମାନର ଟଏଲେଟ ନିର୍ମାଣ କରାଯିବ ବୋଲି ସେ କହିଥିଲେ।

**ରାଉରକେଲା ରେଲୱେ ଷ୍ଟେଶନ**




ତାଲା ପଡିଥିବା ପ୍ଲାଟଫର୍ମର ଝାରସୁଗୁଡା ପଟ ମହିଳା ପୁରୁଷ ଟଏଲେଟ।

## ଉଷ୍ମ ଜଳବାୟୁରେ ଫଳିଲା ସେଓ



ସେଓ ଗଛ ନିକଟରେ ସୁଶୀଳା।

**ରାଉରକେଲା,୨୪।୬(ସଙ୍ଗୀତା ଜେନା)**

ସାଧାରତଃ ଆପେଲ ବା ସେଓ ଥଣ୍ଡା ପରିବେଶରେ ଚାଷ କରାଯାଇଥାଏ। କଶ୍ମୀର, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡର କିଛିକାଂଶରେ ଏହି ଚାଷ କରାଯାଇଥାଏ। କିନ୍ତୁ ସମ୍ପ୍ରତି ରାଉରକେଲାରେ ଜଣେ ଡାକ୍ତରାଣୀ ଏହି ସେଓ ଚାଷ କରିଥିବା ସୂଚନା ମିଳିଛି। ସେକ୍ଟର-୧୬ ଏ ବ୍ଲକରେ ରହୁଥିବା ତଥା ରାଜଗାଙ୍ଗପୁର ଇଏସ୍‌ଆଇସି ହସ୍ପିଟାଲର ଯୁଗ୍ମ ନିର୍ଦ୍ଦେଶିକା ଡା. ସୁଶୀଳା ଲୁଗୁନଙ୍କ ବଗିଚାରେ ଏହା ସମ୍ଭବ ହୋଇଛି। ଏ ସମ୍ପର୍କରେ ବୃକ୍ଷବୃକ୍ଷ ପ୍ରେମୀ ସୁଶୀଳା କୁହନ୍ତି, ସୋଶିଆଲ ମିଡ଼ିଆରେ ଗ୍ରୀଷ୍ମ ପରିବେଶରେ ଚାଷ ହେଉଥିବା ସେଓ ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ। ହିମାଚଳପ୍ରଦେଶ ବିଳାସପୁର ଜିଲାର

**ସଫଳ ହେଲା ଡାକ୍ତରାଣୀଙ୍କ ଉଦ୍ୟମ**

ଉଦ୍ୟାନ ବିଜ୍ଞାନୀ ହରମନ ଶର୍ମା ଏହି ପ୍ରକାର ଗରମ ପରିବେଶରେ ଚାଷ ହେଉଥିବା ସେଓ ବୃକ୍ଷ ବିକଶିତ କରିଥିଲେ। ରାଉରକେଲାରେ ଅଧିକ ଗରମ ଅନୁଭୂତ ହେଉଥିବା ଓ ପରିବେଶ ଅନୁକୂଳ ସେଓ ସମ୍ପର୍କରେ ସେ ଆଗ୍ରହୀ ହୋଇ ଉକ୍ତ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ସୁଶୀଳା ୨୦୨୧ରେ ହିମାଚଳପ୍ରଦେଶ ଜୟହିନ୍ଦ ନର୍ସରୀରୁ ଏଚ୍‌ଆର୍‌ଏମ୍‌ଏନ୍-୯୯ ସେଓ ଚାରା ଆଣି ନିଜ ବାସଭବନର ୨ଟି ଗମଲାରେ ଲଗାଇଥିଲେ। ପ୍ରାୟ ଦେଢ଼ ବର୍ଷ ପରେ ଉଭୟ ଗଛରେ ପ୍ରଥମେ ଫୁଲ ଓ ପରେ ୫ଟି ସେଓ ଫଳିଥିଲା। ସ୍ୱାଦରେ ଅନ୍ୟ ସେଓ ଭଳି ମିଠା ରହିଛି। ଆଗାମୀ ଦିନରେ ବୃକ୍ଷ ବଢ଼ିଲେ ଅଧିକ ଫଳିବ ବୋଲି ସୁଶୀଳା କହିଛନ୍ତି।

## ଆର୍‌ଏସ୍‌ପିରେ ପ୍ରାଥମିକ ଚିକିତ୍ସା ସହାୟତା ତାଲିମ



ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମଚାରୀଗଣ।

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଜାତୀୟ ସୁରକ୍ଷା ପରିଷଦ ଓ ଓଡିଶା ଶାଖା ପକ୍ଷରୁ ଏକ ତିନିଦିନିଆ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ବୃତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହଯୋଗରେ ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ୩୪ଜଣ କର୍ମଚାରୀ ଭାଗ ନେଇଛନ୍ତି। ଆଗକୁ ଆଉ ୫ଟି ବ୍ୟାଚ୍‌ରେ ୨ଶହ କର୍ମଚାରୀ ସାମିଲ ହେବାକୁ ସ୍ଥିର କରାଯାଇଛି। ଉଦ୍‌ଘାଟନୀ ଦିବସରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଜିଏମ ଡାକ୍ତର ଏଲ. କେ. ବିଶ୍ୱାଳ, ସୁରକ୍ଷା ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଆଶା କାର୍ଥା ଏବଂ ଓଏଚ୍‌ଏସ୍‌ସିର ସହକାରୀ ସିଏମ୍‌ଓ ଏସ. କୁମାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଡାକ୍ତର ଜି.ଏସ ପାଣିଗ୍ରାହୀ ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ଜରୁରୀକାଳୀନ ସମୟରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ସଚେତନ କରାଇବା, ସଚେତନତା ମାଧ୍ୟମରେ କର୍ମକ୍ଷେତ୍ରରେ ଦୁର୍ଘଟଣା ହ୍ରାସ କରାଇବା, ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଓ ଏକୁଟିଆ କାମ କରିବା ସମୟରେ ନିରାପତ୍ତା ନିଶ୍ଚିତ କରିବା ଦିଗରେ ବିଶେଷ ପରାମର୍ଶ ଦିଆଯାଇଥିଲା। ସୁରକ୍ଷା ବିଭାଗର ଜି.ଏମ୍ ଅବକାଶ ବେହେରା ଏବଂ ସିନିୟର ମ୍ୟାନେଜର ବି. କେ. ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ପୁଣ୍ୟତିଥି ପାଳିତ

**ରାଉରକେଲା,୨୪।୬(ସଙ୍ଗୀତା ଜେନା)**

ଜଗଦା ସ୍ଥିତ ଉତ୍କଳ ନବଜୀବନ ମଣ୍ଡଳରେ ଦିବଂଗତ ମୁଖ୍ୟମନ୍ତ୍ରୀ ତଥା ବିପ୍ଳବୀ ମହାନ ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ୩୯ ତମ ପୁଣ୍ୟତିଥି ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଛି। ଏଥିରେ ସଭାପତି କିଶୋର ଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବୈଦ୍ୟନାଥ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜୀବ ମହାନ୍ତି, ଇନ୍ଦ୍ରମୋହନ ପଣ୍ଡା, କିର୍ତ୍ତୀଲତା ନନ୍ଦ, ବୀଣାପାଣି ପଟ୍ଟନାୟକ, କୁନ୍ତଳା ମହାପାତ୍ର, ଆଦିତ୍ୟ ତ୍ରିପାଠୀ, ପ୍ରଭାତ ମହାନ୍ତି, ଭଗବାନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସିଲେଇ ତାଲିମ କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀ ସୀମାସିଂ, ନିରୁପମା ବେହେରା, ଅନୀତା ମହାପାତ୍ର, ସୁନୀତା ସାହୁ, ରୁବି ପଣ୍ଡା, ଶୁଭସ୍ମିତା ରାଉତରାୟ, କାମିନି, ସୁଶୀଳାବତୀ ମୁଦୁଲି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନବଜୀବନ ମଣ୍ଡଳର ଆବାହିକା ସୁନନ୍ଦା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା, ମାଦକଦ୍ରବ୍ୟ ଉପରେ ଚଢ଼ାଉ

**ରାଉରକେଲା,୨୪।୬(ସଙ୍ଗୀତା ଜେନା)**

ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬, ୭, ୮ ଓ ୯ରେ ସିଗାରେଟ ଏଣ୍ଡ ଅଦର ଟବାକୋ ପ୍ରଡ଼କ୍ଟ ଆକ୍ଟ (କୋଟପା) ଉଲଂଘନ ଅଭିଯୋଗରେ ଚଢ଼ାଉ କରାଯାଇଥିଲା। ରାଉରକେଲା ଖାଦ୍ୟ ସୁରକ୍ଷା, ଅବକାରୀ ବିଭାଗ ତଥା ସ୍ଥାନୀୟ ପୋଲିସ ଉପସ୍ଥିତିରେ ସେକ୍ଟର-୬ ଏନଏସି (ଏସ୍‌ଟି) ହାଇସ୍କୁଲ ନିକଟବର୍ତ୍ତୀ ପାନ ଓ ମାଦକଦ୍ରବ୍ୟ ଦୋକାନ ଗୁଡ଼ିକରେ ଏହି ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ମୋଟ ୧୮ ଜଣଙ୍କଠାରୁ ୩୧୦୦ ଟଙ୍କା ଜରିମନା ଆଦାୟ କରାଯିବା ସହ ନୋଟିସ ଜାରି କରାଯାଇଛି। ଏହାସହ ନିଶା ଓ ମାଦକଦ୍ରବ୍ୟ ନିଷେଧ ପାଇଁ ସଚେତନତା ମଧ୍ୟ କରାଯାଇଥିଲା। ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ଦୀକ୍ଷା ଦେ, ସ୍ୱାଗତିକା ବେହେରା, ଡ୍ରଗ୍ସ ଇନ୍ସପେକ୍ଟର ଆଚ୍ଛାମଣି ମାରାଣ୍ଡି, ଏନ୍‌ସିଡ଼ି ସ୍ୱପ୍ନଜିତ ମହାନ୍ତି, ଅବକାରୀ ଅଧିକାରୀ ଓ ସେକ୍ଟର ୭ ଥାନାଧିକାରୀ ଚଢାଉରେ ସାମିଲ ହୋଇଥିଲେ।

## ଦୀପିକା ଇସ୍ପାତ ଶିକ୍ଷା ସଦନରେ ସ୍କୁଲ ବ୍ୟାଗ ବଣ୍ଟନ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୮ ସ୍ଥିତ ନିଃଶୁଳ୍କ ଇସ୍ପାତ ଶିକ୍ଷା ସଦନରେ ଶନିବାର ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ୍ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଦୀପିକା ମହିଳା ସଂହତି ଦ୍ୱାରା ପରିଚାଳିତ ଉକ୍ତ ସ୍କୁଲରେ ଅଧ୍ୟୟନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ଡିଏମ୍‌ଏସ୍ ସଭାପତି ସୀମା ଦେବ ଭୌମିକ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନର ଉପସଭାପତି ସମାପିକା ସାହୁ, ସିଏସ୍‌ଆର ବିଭାଗର ସିନିୟର ମ୍ୟାନେଜର ଏ. ଏନ ପତି, ସଚିବ ସୁଶ୍ରୀ ନିଧି ସିଂଘଲ, ପ୍ରଶାସକ ଏସ. କେ ମିଶ୍ର, ପ୍ରଧାନ ଶିକ୍ଷକ ଏସ୍. ସମାଲ ଏବଂ ସ୍କୁଲର ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକଗଣ ଉପସ୍ଥିତ ଥିଲେ। ଅତିଥିମାନେ ୧ମ, ୨ୟ, ୩ୟ ଓ ୪ର୍ଥ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ। ଅବଶିଷ୍ଟ ଛାତ୍ରୀଛାତ୍ରଙ୍କୁ ପରବର୍ତ୍ତୀ ସମୟରେ ସ୍କୁଲ ବ୍ୟାଗ୍ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଦୀପିକା ଇସ୍ପାତ ଶିକ୍ଷା ସଦନରେ ୧ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୮୫୫ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ପ୍ରତିବର୍ଷ ସ୍କୁଲ ପକ୍ଷରୁ ବିଦ୍ୟାର୍ଥୀମାନଙ୍କୁ ଜୋତା, ସ୍କୁଲ ବ୍ୟାଗ, ଅଧ୍ୟୟନ ସାମଗ୍ରୀ ଓ ୟୁନିଫର୍ମ ଦିଆଯାଇଥାଏ। ଆର୍‌ଏସ୍‌ପି ଅକ୍ଷୟ ପାତ୍ର ପ୍ରକଳ୍ପ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଏ।



ପ୍ରଥମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଉଛି।

## କର୍ମଚାରୀ ଅଭାବ ଯୋଗୁ ଉପୁଜୁଛି ସମସ୍ୟା

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲା ଉଦ୍ୟାନ କୃଷି ବିଭାଗ**

ରାଉରକେଲା ସହକାରୀ ଉଦ୍ୟାନ ବିଭାଗରେ ବହୁ ପଦବୀ ଖାଲି ପଡିଛି। ଫଳରେ ସୀମିତ କର୍ମଚାରୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟ କରିବାରେ ନାନା ସମସ୍ୟା ଉପୁଜୁଛି। ଅନ୍ୟପକ୍ଷେ କର୍ମଚାରୀ ଅଭାବ ଯୋଗୁ ସ୍ଥାନୀୟ ଉଦ୍ୟାନ ଚାଷୀମାନଙ୍କୁ ଆଧୁନିକ ଜ୍ଞାନକୌଶଳ ମିଳିପାରୁନାହିଁ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳର ଉଦ୍ୟାନ ଚାଷୀମାନେ ଦାବି କରିଛନ୍ତି।

ସୂଚନା ଅନୁସାରେ, ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅଧୀନରେ ରାଉରକେଲା ସମେତ ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା ଓ ଲାଠିକଟା ଆଦି ଉଦ୍ୟାନ କାର୍ଯ୍ୟାଳୟ ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ ଲେଖାଏ ଉଦ୍ୟାନ ଅଧିକାରୀ ରହିବା କଥା। ମାତ୍ର ଏଠାରେ ଜଣେ ଜଣେ ଉଦ୍ୟାନ ଅଧିକାରୀ ତିନୋଟି କାର୍ଯ୍ୟାଳୟ ଦାୟିତ୍ୱ ତୁଲାଉଛନ୍ତି। ବର୍ଷ ବର୍ଷ ଧରି ଅଧିକାରୀ ପଦବୀ ପୂରଣ ହେଉନାହିଁ। ଜଣେ ଉଦ୍ୟାନ ଅଧିକାରୀ ରାଉରକେଲା, ଲାଠିକଟା ଓ ବିଶ୍ରା ଅଫିସ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ୨ଜଣ ମହିଳା ଉଦ୍ୟାନ ଅଧିକାରୀ କାର୍ଯ୍ୟ କରୁଛନ୍ତି। ସେହିପରି ଦୀର୍ଘବର୍ଷ ହେଲା ଅନ୍ୟ ପଦପଦବୀ ଖାଲି ପଡିଛି। ଫଳରେ ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅଧୀନ ୩୦ଏକର ଜମି ପରିମିତ ଫାର୍ମର ଠିକ୍ ଭାବେ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। କେବଳ ଜଣେ ଉଦ୍ୟାନ ନିର୍ଦ୍ଦେଶକ, ୩ ଏଚ୍‌ଓ, ୩ ଓଭରସିୟର, ଜଣେ ଏଚ୍‌ଇଡବ୍ଲ୍ୟୁ ଓ ଜଣେ ଜୁନିୟର ଆସିଷ୍ଟାଣ୍ଟଙ୍କ ଭରସାରେ ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅଧୀନ ୫ଟି ଉଦ୍ୟାନ ବିଭାଗ ଚାଲିଛି। ସ୍ଥାନୀୟ ଉଦ୍ୟାନ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ବିଭିନ୍ନ ସରକାରୀ ଯୋଜନା କରାଯାଉଥିବା ବେଳେ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ଯୋଗୁ ଯୋଜନାର ସୁଫଳ ଉଦ୍ୟାନ ଚାଷୀଙ୍କୁ ମିଳୁନାହିଁ। ସେହିପରି ଉଦ୍ୟାନ ଚାଷୀଙ୍କୁ ଉଦ୍ୟାନ ଚାଷ ଜନିତ ଆଧୁନିକ ଜ୍ଞାନକୌଶଳ ପ୍ରଦାନ ପାଇଁ ଡେମନଷ୍ଟ୍ରେଶନ ଆସିଷ୍ଟାଣ୍ଟ ଏବଂ ଟେକ୍ନିକାଲ ଆସିଷ୍ଟାଣ୍ଟ ନାହାନ୍ତି। ଏ ସମ୍ପର୍କରେ ପାନପୋଷ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ବିଭାଗରେ ବହୁ ପଦ ପଦବୀ ଦୀର୍ଘ ବର୍ଷରୁ ଖାଲି ପଡିଛି। ଏ ବାବଦରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗକୁ ଖାଲି ପଦବୀ ପୂରଣ ହେବା ଆଶା ରହିଛି ବୋଲି ସେ କହିଥିଲେ।

